ବର୍ଷ-୨୪, ସଂଖ୍ୟା-୧୬୯
ଭୁବନେଶ୍ୱର
୧୯ ଜୁଲାଇ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-24, Issue No. 169
Bhubaneswar
19 July, 2024, Friday
Page-08, Rs.: 2.00

# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଅଧରପଣା ପୂଜା ନୀତି ସଂପନ୍ନ







ପୁରୀ,୧୮।୭(**ମହାଭାରତ.**): ବଡ଼ଦାଣ୍ଡକୁ ଅବତରଣ ପରେ ମହାପ୍ରଭୁଙ୍କ ଦର୍ଶନ ସହ ମୁକ୍ତି ପାଇଁ ଚଣ୍ଡୀଋମୁଣ୍ଡା, ଅଶରୀରୀମାନେ ଘୁରି ବୁଲୁଥାନ୍ତି। ସେଇମାନଙ୍କୁ ତୃପ୍ତ କରିବା ପାଇଁ ଶୁକ୍ରବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ ଜ୍ୟେଷ୍ଠ ନକ୍ଷତ୍ର ତିଥିରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଥ ଉପରେ ଅଧରପଣା ପୂଜା ନୀତି ସଂପନ୍ନ ହୋଇଛି। ଚତୁର୍ଦ୍ଧା ବିଗ୍ରହଙ୍କଠାରେ ଏହି ପଣା ଲାଗି ହେବା ପରେ ରଥ ଉପରେ ଅଧରପଣା ହାଣ୍ଡିକୁ ଭାଙ୍ଗି ଚଣ୍ଡିଋମୁଣ୍ଡା, ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ତିନିଠାକୁରଙ୍କଠାରେ ୯ଟି ମାଟି ହାଣ୍ଡିରେ ଅଧରପଣା ଲାଗି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଅଧରହାଣ୍ଡି ପ୍ରସ୍ତୁତ ହୋଇଥିବା ବେଳେ ଗୁରୁବାର ଶ୍ରୀଜିଉଙ୍କ ଅଧର ଉଚ୍ଚର ଏହି ତିନି ଅଧରହାଣ୍ଡି ରଥ ପାଖକୁ ବିଜେ କରିଥିଲା ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ଚୂଡ଼ାନ୍ତ ହୋଇଥିଲା।

ନିର୍ଘଣ୍ଟନୀତି ଅନୁଯାୟୀ, ଆଜି ପହୁଡ଼ ନୀତି ସଂପନ୍ନ ପରେ ଗୁରୁବାର ସକାଳ ୬ଟାରୁ ସାଢ଼େ ୬ଟା ଭିତରେ ମଙ୍ଗଳଆଳତି ନୀତି ସଂପନ୍ନ ହୋଇଥିଲା। ୭ଟାରେ ମଇଲମ, ୮ଟାରେ ଅବକାଶ, ୯ଟାରେ ବେଶଶେଷ, ପୂର୍ବାହ୍ଣ ୧୦ଟାରୁ ସାଢ଼େ ୧୦ଟା ଭିତରେ ଗୋପାଳବଲ୍ଲଭ, ସାଢ଼େ ୧୧ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ଭିତରେ ସକାଳ ଧୂପ, ଅପରାହ୍ଣ ଗୋଟାଏରେ ମଇଲମ, ସାଢ଼େ ଗୋଟାଏରେ ମହାସ୍ନାନ ଓ ସର୍ବାଙ୍ଗ, ୨ଟାରେ ବେଶ ଶେଷ ହୋଇଥିଲା ଅପରାହ୍ଣ ସାଢ଼େ ୩ଟାରୁ ସାଢ଼େ ୪ଟା ଭିତରେ ମଧ୍ୟାହ୍ନ ଧୂପ ଶେଷ ହେବ ପରେ ଅଧରପଣା ନୀତି ଆରମ୍ଭ ହୋଇଥିଲା।

## ଆତଙ୍କବାଦ ମୁକାବିଲା ନେଇ ମୋଦୀଙ୍କ ବୈଠକ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ବେଶ କିଛି ଦିନ ହେବ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ସ୍ଥାନରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହେଉଛନ୍ତି। ଉପତ୍ୟକାରେ ଆତଙ୍କୀ ହମଲା ବଢୁଥିବାରୁ ଆଜି ସ୍ଥିତିର ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଆଜି ତାଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବସିଥିଲା। ଏହି କ୍ୟାବିନେଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ରହିଥିଲେ ।ଏମାନଙ୍କ ବ୍ୟତୀତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ବୈଠକରେ ଉପସ୍ଥିତ ରହିଥିଲେ। କୁହାଯାଉଛି ଯେ ଉପତ୍ୟକାରେ ବଢୁଥିବା ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଆରମ୍ଭ ହୋଇଥିବା ଅପରେସନକୁ ଆହୁରି ଜୋରଦାର କରାଯିବ। ସେନାକୁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରିବାକୁ ମୋଦି ଖୋଲା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆତଙ୍କବାଦୀଙ୍କ ମୁକାବିଲା ପାଇଁ ନୂଆ। ରଣନୀତି ଆପଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆଜିର ବୈଠକରେ ମୋଦି ଆତଙ୍କବାଦ ନିରୋଧ ଅପରେସନରେ ଅଧିକ ସଂଖ୍ୟକ ସେନା ବାହନୀକୁ ନିୟୋଜତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୈଠକର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀରର ଡୋଡାରେ ଋଲିଥିବା ଏନକାଉଣ୍ଟରେ ୨ ଜଣ ଯବାନ ଆହତ ହୋଇଥିଲେ। ଏଠାରେ ସୋମବାର ଠାରୁ ଏନକାଉଣ୍ଟର ଋଲିଥିବା ବେଳେ ଏଥିରେ ମଙ୍ଗଳବାର ଭୋର ସମୟରେ ଜଣେ କ୍ୟାପ୍ଟେନଙ୍କ ସହ ୪ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ସେଠାରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ଗତ ମାସରେ ମଧ୍ୟ ମୋଦିଜମ୍ମୁ-କଶ୍ମୀରସ୍ଥିତିକୁନେଇ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ସେ ଶାହ, ଡୋଭାଲ ଓ ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ କଥା ହୋଇଥିଲେ।

# ସ୍ଥାନାନ୍ତର ହେଲା ଭିତର ରତ୍ନଭଣ୍ଡାର ଅଳଙ୍କାର

ପୁରୀ,୧୮।୭(**ମହାଭାରତ.**): ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରୁ ବାହାରିବା ପରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂପୂର୍ଣ୍ଣ ଅଳଙ୍କାର ସ୍ଥାନାନ୍ତରଣ ପାଇଁ ସାଢ଼େ ୭ ଘଂଟା ଲାଗିଲା। ସକାଳ ୯ଟା ୫୧ରେ ଆମେ ରତ୍ନଭଣ୍ଡାରରେ ପ୍ରବେଶ କରିଥିଲୁ। ଅପରାହ୍ଣ ୫ଟା ୧୫ ସୁଦ୍ଧା ସ୍ଥାନାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସ୍ଥାନାନ୍ତରଣ ପାଇଁ ଆମ ୧୧ ଜଣଙ୍କ ସହ ଅନ୍ୟମାନଙ୍କ ସହାୟତା ନେଇଥିଲୁ। କେବଳ କଟର ଓ ଇଲେକ୍ଟ୍ରି ସହାୟକଙ୍କ ଛଡ଼ା ଆଉ କାହାର ସହଯୋଗ ଲୋଡ଼ା ପଡ଼ିଲାନାହିଁ। ବିଶ୍ୱନାଥ ରଥ ଆହୁରି କହିଛନ୍ତି, ରତ୍ନଭଣ୍ଡାର ଭିତରେ ଗୁପ୍ତ ଭଣ୍ଡାର କି କିଛି ସୁଡ଼ଙ୍ଗ ନାହିଁ। ଆମ ଆଖିରେ ଆମେ ସେମିତି କିଛି ସୁଡ଼ଙ୍ଗ ଦେଖିପାରିଲୁନି। ଗୁପ୍ତ ଭଣ୍ଡାର, ସୁଡ଼ଙ୍ଗ ହେଉଥିବା ଚର୍ଚ୍ଚା ତଥ୍ୟ ପର୍ଯ୍ୟବକ୍ଷିତ ନୁହେଁ। ଭିତର ରତ୍ନଭଣ୍ଡାରରେ ମୋଟ ୭ଟି ସିନ୍ଦୁକ ଓ ୩ଟି କାଠ ଆଲମିରା, ଗୋଟିଏ ଷ୍ଟିଲ ଆଲମିରା ଥିଲା। ୨ଟି କାଠ ସିନ୍ଦୁକ ଓ ଗୋଟିଏ ଲୁହା ସିନ୍ଦୁକ ରହିଥିଲା। ସମସ୍ତ ଆଲମାରି ଓ ସିନ୍ଦୁକ ତାଲା



ଖୋଲି ଅଳଙ୍କାର ସ୍ଥାନାନ୍ତର ହୋଇଥିଲା। ଏପଟେ ବାହାରକୁ ବାହାରିବା ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି,ସମସ୍ତଙ୍କ ପାଇଁ ଖୁସି ଖବର । ସୁରୁଖୁରୁରେ ଭିତର ଭଣ୍ଡାର ଅଳଙ୍କାରର ସ୍ଥାନାନ୍ତର ସମ୍ପନ୍ନ ହୋଇଛି।

ଭିତର ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ, ଭଣ୍ଡାର ଖାଲି କରାଯିବା ପରେ ସୁଡ଼ଙ୍ଗ ରହିଛି କି ନାହିଁ ସେନେଇ ଯାଂଚ୍ କରିବ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ବୋଲି ସୂଚନା ଦେଇଛନ୍ତି ଗଜପତି ମହାରାଜା ।ତେବେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି, ଆଜି ସଂନ୍ଧ୍ୟା ସୁଦ୍ଧା ଏହି ପ୍ରକ୍ରିୟା ସାରିବାକୁ ଉଦ୍ୟମ ଚାଲିଛି । ଶ୍ରୀମନ୍ଦିର ରତ୍ନଭଣ୍ଡାର ପରିଦର୍ଶନ ସାରି ଫେରିବା ପରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ ।

ଶ୍ରୀମନ୍ଦିର ଭିତରେ ଉପସ୍ଥିତ ଅଛନ୍ତି ଓଡ୍ରାଫ, ଅଗ୍ନିଶମ ବାହିନୀ । ରତ୍ନଭଣ୍ଡାରରେ କୌଣସି ଜରୁରୀ ପରିସ୍ଥିତି ହେଲେ ଏମାନେ ସହାୟତା କରିବେ । ଏମାନେ ସାଙ୍ଗରେ ନେଇଛନ୍ତି ଜେନେରେଟର, ହାଇମାକ୍ସ ଲାଇଟ, ଅକ୍ସିଜେନ ସିଲିଣ୍ଡର, ଅଗ୍ନିନିର୍ବାପକ ଯନ୍ତ୍ର, ଷ୍ଟ୍ରେଚର ଏବଂ କଟର ।

## ହଟିଲେ ସ୍ୱତନ୍ତ୍ର ସଚିବ ରୂପାରୋଶନ ସାହୁ

**ଭୁବନେଶ୍ୱର,୧୮।୭(ମହାଭାରତ):** ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ମାସକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଫିସ(ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ)ର ଅଫିସର୍ସ ଟିମ୍ ଗଢ଼ିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ(ସିଏମଓ)ରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ରୂପାରୋଶନ ସାହୁଙ୍କୁ ଆଜି ହଟାଇ ଦିଆଯାଇଛି। ରୂପାଙ୍କ ବଦଳି ସହ ପୂର୍ବ ସରକାରରେ ପାୱାରଫୁଲ୍ ଥିବା ସମସ୍ତ ଅଫିସରଙ୍କୁ ସିଏମଓରୁ ହଟାଇ ଦିଆଯାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଉ ଜଣେ ଅନୁସଚିବ ଓ ୫ଜଣ ସଚିବାଳୟ ସେବା ଅଫିସରଙ୍କୁ ମଧ୍ୟ ନିଯୁକ୍ତି ମିଳିଛି।



ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ୨୦୦୬ ବ୍ୟାଚ୍ ଆଇଏଏସ୍ ରୂପାରୋଶନ ସାହୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ଆଜି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦରୁ ହଟାଇ ଦିଆଯାଇ କେବଳ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ଆଇପିଏସ୍ ସ୍ୱାମୀ ଅନୁପ ସାହୁ ଗୁଇନ୍ଦା ବିଭାଗର ଆଇଜି ଅଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଆଇଏଏସ୍ ଅରିନ୍ଦମ ଡାକୁଆ ଓ ଅତିରିକ୍ତ ସଚିବ ଭାବେ ଆଇଏଏସ୍ ଅନୁପମ ଶାହଙ୍କୁ ଗତକାଲି ନିଯୁକ୍ତି ମିଳିବା ପରେ ସେମାନେ ଆଜି ନିଜ ନୂଆ। ଦାୟି ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆଜି ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ କାର୍ଯ୍ୟରତ ଅନୁସଚିବ ଭାବେ ପ୍ରଦୀପ କୁମାର ସାମଲଙ୍କୁ ବଦଳି ହୋଇଛି। ସେହିପରି ପୂର୍ତ୍ତ ବିଭାଗର ସେକ୍ସନ ଅଫିସର ବିଶ୍ୱଜିତ ସାମଲ, ଅର୍ଥ ବିଭାଗର ସେକ୍ସନ ଅଫିସର ରୋହିତରଞ୍ଜନ ନାୟକ, ସାଧାରଣ ପ୍ରଶାସନ ବିଭାଗର ସେକ୍ସନ ଅଫିସର ଦୀପକ ମାଝୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦୁଇଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ସଞ୍ଜୟ କୁମାର ସୋରେନ ଓ ସତ୍ୟସଙ୍କେତ ଜେନାଙ୍କୁ ମଧ୍ୟ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ତୃତୀୟ ଦିନରେ ଟୋଲ ଗେଟ୍ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର,୧୮।୭(**ମହାଭାରତ**): ତୃତୀୟ ଦିନରେ ପହଂଚିଛି ଟୋଲ ଗେଟ୍ କର୍ମଚାରୀଙ୍କ ଧାରଣା । ପାଂଚ ଦଫା ଦାବି ନେଇ ଟୋଲ ଗେଟରେ କର୍ମଚାରୀଙ୍କ ଗଣଧାରଣା ଦେଇଛନ୍ତି। ୧୬ ନମ୍ବର ଜାତୀୟ ରାଜପଥ ଭଦ୍ରକ ଛତାବର୍ ଟୋଲ ଗେଟର କର୍ମଚାରୀଙ୍କ ଗଣ ଧାରଣା ତୃତୀୟ ଦିନରେ ପହଂଚିଛି । ଦରମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ କର୍ମଚାରୀମାନେ ଧାରଣାରେ ବସିଥିବା ବେଳେ , ଗତକାଲି ଭଣ୍ଡାରିପୋଖରୀ ବିଜେପିର ଏକ ଟିମ୍ ଭେଟିଥିଲେ । ତେବେ ଟୋଲ ଗେଟ୍ ଅଧିକାରୀ କିମ୍ବା ଏନଏଚ କର୍ତ୍ତୃପକ୍ଷ ଏଯାଏ ଆଲୋଚନା ପାଇଁ ଆସିନାହାଁନ୍ତି।

# ଆସୁଛି ଆଉ ଏକ ଲଘୁଚାପ

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୮।୭ (ମହାଭାରତ):** ବଙ୍ଗୋପସାଗରରେ ଦୁଇଟି ଲଘୁଋପ ସୃଷ୍ଟି ହେବା ପରେ ଏହା ଦ୍ୱାରା ପ୍ରଭାବିତ ହେବାକୁ ଥିବା ୧୪ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। ଲଘୁଋପ ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ଅବସ୍ଥିତ ବଙ୍ଗୋପସାଗରର ଗଭୀର ସମୁଦ୍ର ଅଞ୍ଚଳରେ ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି।ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ୧୮ ଜୁଲାଇ, ୨୦୨୪ ରେ ଉତ୍ତର ବଙ୍ଗୋପସାଗରର ଉତ୍ତର ସମୁଦ୍ରର ଗଭୀର ସମୁଦ୍ର ଅଞ୍ଚଳକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ଏବଂ ଓଡ଼ିଶା ଉପକୂଳରେ, ଉତ୍ତର ବଙ୍ଗୋପସାଗରର ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୯ ରୁ ୨୨ ଜୁଲାଇ, ୨୦୨୪ ପର୍ଯ୍ୟନ୍ତ ନ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନଙ୍କୁ ଉପକୂଳ ଫେରିବାକୁ ପରାମର୍ଶ ଦିଆଯାଇଛି।ଲଘୁଋପ ପ୍ରଭାବରେ ଅଧିକ ପ୍ରଭାବିତ ହେବା ଜିଲ୍ଲାଗୁଡ଼ିକ ଯଥା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡା, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ବୌଦ୍ଧ ଏବଂ ସୋନପୁର ଜିଲାପାଳ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କମିଶନର, କଟକ ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର, ବ୍ରହ୍ମପୁର ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନରଙ୍କୁ ମଧ୍ୟ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲଗାତାର ଦୁଇଟି ଲଘୁଋପ ସୃଷ୍ଟି ହେବା ଫଳରେ ଓଡ଼ିଶାର ଅନେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି ।ଏପରି ଅତି ପ୍ରବଳ ବର୍ଷା ହେଲେ ଫ୍ଲସ୍ ଫ୍ଲଡ୍/ବନ୍ୟା ପରିସ୍ଥିତି ହୋଇପାରେ ପାହାଡ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ସହିତ ଯେକୌଣସି ଘଟଣାର ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ କ୍ଷେତ୍ର ସ୍ତରର ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ।ସୃଷ୍ଟ ଲଘୁଋପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳରି ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଋରି ଜିଲାକୁ ଅରେଞ୍ଜ ୱାର୍ଣ୍ଣି ଦିଆଯାଇଛି। ସେହିଭଳି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନୟାଗଡ଼ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି।

ସେହିପରି ଶୁକ୍ରବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବୌଦ୍ଧ ଏବଂ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି। ସେହିଭଳି ନୂଆପଡ଼ା, ବଲାଙ୍ଗୀର, ସୋନପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଜାରି କରାଯାଇଛି।

ଶନିବାର ସୋନପୁର, ବୌଦ୍ଧ ଏବଂ ନୟାଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣି ଜାରି କରାଯଇଛି। ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣି ଜାରି କରାଯଇଛି।

## ୧୦ ବଗି ଲାଇନଚ୍ୟୁତ,୪ ମୃତ

ନୂଆଦିଲ୍ଲୀ,୧୮।୭: ଲାଇନଚ୍ୟୁତ ହେଲା ଚଣ୍ଡିଗଡ଼-ଡିବ୍ରୁଗଡ଼ ଏକ୍ସପ୍ରେସର ୧୦ଟି ବଗି ଋଲିଗଲା ୪ଜଣଙ୍କ ଜୀବନ। ଗୁରୁବାର ଅପରାହ୍ନରେ ୟୁପିର ଗୋଣ୍ଡାଠାରେ ଏକ ବଡ଼ ଟ୍ରେନ୍ ଦୁର୍ଘଟଣା ଘଟିଛି। ଏଠାରେ, ଗୋରଖପୁର ଦେଇ ଚଣ୍ଡିଗଡ଼ରୁ ଆସାମକୁ ଯାଉଥିବା ଡିବ୍ରୁଗଡ ଏକ୍ସପ୍ରେସର ୧୦ଟି ବଗି ଲାଇନଚ୍ୟୁତ ହୋଇଯାଇଛି। ଏହି ଦୁର୍ଘଟଣାରେ ୪ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଗୋରଖପୁର ରେଳ ବିଭାଗର ମୋତିଗଞ୍ଜ ସୀମାରେ ଏହି ଘଟଣା ଘଟିଛି।

ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ରେଳବାଇର ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ଦୁର୍ଘଟଣା ସମ୍ପର୍କରେ ରେଳବାଇ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରିଛି। ଏହି ଦୁର୍ଘଟଣା ହେତୁ ଏହି ମାର୍ଗ ଦେଇ ଯାଉଥିବା ୧୧ଟି ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଛି ଏବଂ ଦୁଇଟି ଟ୍ରେନକୁ ବାତିଲ କରାଯାଇଛି। ରେଳ ଅଧିକାରୀଙ୍କ ବ୍ୟତୀତ ପୁଲିସ ପ୍ରଶାସନ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।ମେଡିକାଲ ଟିମକୁ ମଧ୍ୟ ଡକାଯାଇଛି ଏବଂ କୋଚରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଉଦ୍ୟମ କରାଯାଉଛି। ଦୁର୍ଘଟଣା ପରେ ସେହି ରେଳଧାରଣା ଦେଇ ଆସୁଥିବା ଟ୍ରେନ୍ ଗୁଡିକ ବ୍ୟାହତ ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନର ସଂଖ୍ୟା ହେଉଛି ୧୫୯୦୪। ଜଣେ ଯାତ୍ରୀ କହିଛନ୍ତି ଯେ, ଦିନ ପ୍ରାୟ ୨:୩୦ରେ ଏହି ଦୁର୍ଘଟଣା ଘଟିଛି ଟ୍ରେନ୍ ଚଣ୍ଡିଗଡ଼ରୁ ଯାତ୍ରା ଆରମ୍ଭ କରିଥିଲା ଏବଂ ଗୋଣ୍ଡାଠାରୁ ପ୍ରାୟ ୨୦କିଲୋମିଟର ଆଗରେ ଏହି ଦୁର୍ଘଟଣା ଘଟିଥିଲା।

## ଆଜିଠୁ ବିଜେପିର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୮।୭(**ମହାଭାରତ**): ଆସନ୍ତାକାଲି (ଶୁକ୍ରବାର)ଠାରୁ ବିଜେପିର ୨ ଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହେବ । ରାଜ୍ୟ ସଭାପତିଙ୍କ ସଭାପତିତ୍ୱରେ ୧୯ ତାରିଖ ସକାଳେ ପ୍ରଥମେ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବ। ଏହା ପରେ ଅନୁଷ୍ଠିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଉଦଘାଟନ କରିବେ । ଏହି ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂସଲ. ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଯୋଗ ଦେବେ। କେନ୍ଦ୍ରରେ ଲଗାତାର ତୃତୀୟ ଥର ଏବଂ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିବା ପରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି ଓ ସାଧାରଣ ସଂପାଦକ, ଲୋକସଭା ସଂଯୋଜକ ଓ ପ୍ରଭାରୀ, ବିଧାନସଭା ସଂଯୋଜକ ଓ ପ୍ରଭାରୀ, ବିଭିନ୍ନ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନେ ଯୋଗ ଦେବେ। ଏହି କାର୍ଯ୍ୟକାରିଣୀ ବୈଠକରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ।

# ଏସ୍‌ସିବି ନୂଆ କ୍ୟାମ୍ପସ୍ ନିର୍ମାଣ ଅଗ୍ରଗତି ସମୀକ୍ଷା

### ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବୈଠକରେ ପ୍ରସ୍ତାବ

### ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୭(**ମହାଭାରତ**): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲର ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ନୂତନ କ୍ୟାମ୍ପସ୍ ର ନିର୍ମାଣ ସ୍ଥିତି ସଂପର୍କରେ ବିଭାଗୀୟ ଅଧିକାରୀ, ଓବିସିସି ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାଣିବାକୁ ଚାହିଁଥିଲେ।

୪୮ ଏକରବିଶିଷ୍ଟ ନିର୍ମାଣାଧିନ ଏହି କ୍ୟାମ୍ପସ୍ ରେ ଜେନେରାଲ ମେଡିସିନ୍, ସ୍ୱତନ୍ତ୍ର ମେଡିସିନ୍, ସ୍ୱତନ୍ତ୍ର ସର୍ଜରୀ, ସାଧାରଣ ସର୍ଜରୀ ଓ ଟ୍ରମା କେୟାର ଆଦି ବର୍ଗରେ ୨୬୬ଟି ଆଇସିୟୁ ଶଯ୍ୟା ସହ ୨୦୫୮ ଶଯ୍ୟାର ପ୍ରସ୍ତାବ ରହିଛି। ସେହିପରି ନିର୍ମାଣାଧିନ ଏହି କ୍ୟାମ୍ପସ୍ ରେ ବିଭିନ୍ନ ବର୍ଗର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ୧୩ଟି ଆବାସିକ ଟାୱାରରେ ୫୧୨ ୟୁନିଟ୍ ରହିବ। ୨୨୭୮ ଜଣ ବାଳକ ଓ ବାଳିକା ରହିବା ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲର ନିର୍ମାଣ ସ୍ଥିତି ସଂପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ରୋଷଶାଳା, ଲଣ୍ଡ୍ରି, ଡାଟା ସେଂଟର, ସେଂଟ୍ରାଲ ଷ୍ଟୋର ସହ ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଂଟଙ୍କ ପାଇଁ ରହିବା ସ୍ଥାନ, ବହୁତଳ କାର ପାର୍କିଂ ଆଦି ବିଷୟରେ ଆଲୋଚନା ହୋଇଥିଲା ।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତ ଅଧିକାରୀ ଓ ଠିକା ସଂସ୍ଥାର କଥା ଶୁଣିବା ସହ କ୍ୟାମ୍ପସ୍ ନିର୍ମାଣର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକ-ବାରବାଟି ବିଧାୟକ ସୋଫିୟା ଫିରଦୋସ୍, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ତ୍ତ ବିଭାଗର ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ଏନ୍‌ସିସି, ଏଲ୍ ଆଣ୍ଡ ଟି ଏବଂ ଏଇ-କମ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# କ୍ୟାନସର ହେବା ପୂର୍ବରୁ ଦେଖାଯାଏ ଏହି ଲକ୍ଷଣ

କ୍ୟାନସର ବା କର୍କଟ ହେଉଛି ଏକ ଅସାଧ ରୋଗ। ଏହି ରୋଗର ଶୀକାର ହେଲେ ବଞ୍ଚିବାର ଆଶା କମ୍ । ଆଜି ମଧ୍ୟ ଅନେକ ଲୋକ ଏଥିରେ ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ବ୍ରେନ୍, ସ୍ତନ କର୍କଟ, ରକ୍ତ କର୍କଟ ଓ ଚର୍ମ କର୍କଟ ଭଳି କ୍ୟାନସରର ଅନେକ ପ୍ରକାର ରହିଛି । ଏହି ରୋଗରୁ ମକ୍ତି ପାଇବା ପାଇଁ ଏବେ ସୁଦ୍ଧା କୌଣସି ଉପାୟ ବାହାରି ପାରି ନାହିଁ। କିନ୍ତୁ ଏହାର ପ୍ରାଥମିକ ଲକ୍ଷଣ ବାବଦରେ ଜାଣିପାରିବେ ଏହାକୁ କାବୁ କରାଯାଇ ପାରିବ । କର୍କଟ ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫେବ୍ରୁଆରୀ ୪ ତାରିଖରୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଏ । ଆମେ ଆପଣଙ୍କୁ କହିବୁ କ୍ୟାନସରର ପ୍ରାଥମିକ ଲକ୍ଷଣ ବାବଦରେ ।



ଶ୍ୱାସକ୍ରିୟାରେ ଅସୁବିଧା ଓ ଅନିୟମିତତା: ଲଗାତର କାମ କଲେ କିମ୍ବା ଦଉଡିଲେ ଶ୍ୱାସକ୍ରିୟା ଓ ହୃତସ୍ପନ୍ଦନ ବୃଦ୍ଧି ପାଏ । କିନ୍ତୁ କିଛି ଲୋକ ବିନା କାରଣରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥାନ୍ତି। ଏହା କ୍ୟାନସରର କାରଣ ହୋଇପାରେ । ଏପରି ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଭୋକ କମ୍ ଲାଗିବା କିମ୍ବା ଜମା ନଲାଗିବା: ପ୍ରାୟ ସମସ୍ତଙ୍କୁ ପାଚନ ଜନିତ ସମସ୍ୟା ହୋଇଥାଏ । ଏହା ଭୋକକୁ ପ୍ରଭାବିତ କରିଥାଏ। ପାଚନ ପ୍ରକ୍ରିୟା ଖରାପ ହେଲେ ଭୋକ ଲାଗିନଥାଏ । କିନ୍ତ ଯଦି ଏହି ସମସ୍ୟା ବହୁତ ଦିନ ଯାଏଁ ଲାଗି ରହେ ତେବେ ଏହା ବଡ ସମସ୍ୟାକୁ ସଙ୍କେତ ଦେଇଥାଏ । ଏହାକୁ ହେୟଜ୍ଞାନ ନକରି ଡାକ୍ତରଙ୍କୁ ଦେଖାଇବା ଉଚିତ । ଭୋକ କମ୍ ଲାଗିବା କ୍ୟାନସରର ପ୍ରାଥମିକ ଲକ୍ଷଣ ହୋଇପାରେ ।

ରକ୍ତସ୍ରାବ ବନ୍ଦ ନହେବା କିମ୍ବା ଲଗାତର ରକ୍ତ ବାହାରିବା: ମୁତ୍ର, କାଶିବା ସମୟରେ ରକ୍ତ ବାହାରିଲେ ଏହା କ୍ୟାନସର ହୋଇପାରେ । ଏପରି କୌଣସି ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଅଧିକ ସମୟ ଧରି ଥଣ୍ଡା ଓ କାଶ ଲାଗି ରହିବା: ପାଣିପାଗରେ ପରିବର୍ତ୍ତନ ହେଲେ ଥଣ୍ଡା ଓ ଜ୍ୱର ଆଦି ହୋଇଥାଏ । କିନ୍ତୁ ଔଷଧ ଖାଇବା ପରେ ବି ଦି ୩-୪ ଦିନରେ ଏଙ୍ଗା ଭଲ ନହୁଏ ତେବେ ସତର୍କ ହେବା ଜରୁରୀ । ଅନେକ ଦିନ ଧରି ଥଣ୍ଡା, କାଶ ଲାଗି ରହିଲେ ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ଜାଣନ୍ତୁ ବିବାହ ଆଉ ତାର ସ୍ୱାଗତ ପ୍ରଥା



ବିବାହରେ ସବୁଠୁ ଧୁମଧାମ୍ ଏବଂ ଅଧିକ ଖର୍ଚ୍ଚ କେବଳ ଭାରତରେ ହୋଇଥାଏ। ବିବାହରେ ବେଶୀ ଖର୍ଚ୍ଚ ପୋଷାକ, ସ୍ଥାନ ଏବଂ ଖାଦ୍ୟପେୟରେ ହୋଇଥାଏ । କିନ୍ତୁ ଆଜି ଆମେ ଜାଣିବା ଭିନ୍ନ ଭିନ୍ନ ସ୍ଥାନରେ ବିବାହର ଭିନ୍ତ ଭିନ୍ତ ପରମ୍ପରା ଏବଂ ପ୍ରଥା ସମ୍ପର୍କରେ ଯାହା ଆପଣ ବୋଧହୁଏ ଜାଣିନଥିବେ।

୧.ନବ ଦମ୍ପତିଙ୍କ ମା ଦେଖନ୍ତି ନାହିଁ ବିବାହ: ବଙ୍ଗଳା ପରମ୍ପରା ଅନୁସାରେ ନବ ଦମ୍ପତିଙ୍କ ମାଆ ବିବାହ ଦେଖିନଥାନ୍ତି। କୁହାଯାଏ ଯେ ନବ ଦମ୍ପତିଙ୍କ ପାଇଁ ଏହା ଅଶୁଭ ହୋଇଥାଏ।

୨.ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ବର : ତାମିଲ ବିବାହରେ ବର ସନ୍ୟାସୀ ହେବା ପାଇଁ ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ଏବଂ କନ୍ୟାର ପିତା ତାଙ୍କୁ ରୋକିବାକୁ ଉଦ୍ୟମ କରିଥାନ୍ତି।

୩.ଜ୍ୱାଇଁର ନାକ ଚିମୁଟିଥାନ୍ତି ଶାଶୁ: ଗୁଜୁରାଟୀ ବାହାଘରରେ ବରର ଶାଶୁ ଆଳତୀ କରିବାପାଇଁ ଜ୍ୱାଇଁର ନାକ ଚିମୁଟି ସ୍ୱାଗତ କରିଥାନ୍ତି। ଏହି ପ୍ରଥାକୁ ପୋଙ୍କବୁ କହିଥାନ୍ତି।

୪.ବରର ପୋଷାକ ଫାଡ଼ିଥାନ୍ତି ସାଙ୍ଗମାନେ: ସିନ୍ଧି ବାହାଘରରେ ବରର ସାଙ୍ଗ ଏବଂ ସମ୍ପର୍କୀୟ ବରର ପୋଷକ ଫାଡ଼ିଥାନ୍ତି। ଏହାର ତାତ୍ପର୍ଯ୍ୟ ପୁରୁଣା ଜୀବନର ଅନ୍ତ ଏବଂ ନୂଆ ଜୀବନର ଶୁଭାରମ୍ଭ ହେବାକୁ ବୁଝାଏ।

୫. ଦାୟିତ୍ୱ ଶିଖିବାର ଅଦ୍ଭୁତ ପରମ୍ପରା: ବିହାରରେ ବିବାହରେ କନ୍ୟା ନିଜ ମୁଣ୍ଡ ଉପରେ ମାଟି ହାଣ୍ଡି ରଖିଥାନ୍ତି ଏବଂ ପାଦ ଛୁଇଁ ଗୁରୁଜନମାନଙ୍କର ଆର୍ଶୀବାଦ ନେଇଥାନ୍ତି। ଏହା ଅର୍ଥ ତାକୁ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼ିବ।

୬.ମନ୍ଦିରରୁ ପାଣି ନେଇଥାନ୍ତି କନ୍ୟାର ମାଆ: ପଞ୍ଜାବୀ ବିବାହରେ କନ୍ୟାର ମାଆ ପାଖରେ ଥିବା ମନ୍ଦିରରୁ ପାଣି ଆଣିଥାନ୍ତି। ଏହି ପାଣିରେ ଗାଧୋଇବା ପରେ କନ୍ୟା ବିବାହ ପୋଷାକ ପିନ୍ଧିଥାଏ।

୭.ଟମାଟୋ ଫିଙ୍ଗି ହୋଇଥାଏ ବରଯାତ୍ରୀଙ୍କ ସ୍ୱାଗତ: ଉତ୍ତରପ୍ରଦେଶର ସରସୋଲରେ ବର ଏବଂ ବରଯାତ୍ରୀମାନଙ୍କର ସ୍ୱାଗତ ଟମାଟୋ ଫିଙ୍ଗି କରାଯାଇଥାଏ। କୁହାଯାଏ ଏହା ଦ୍ୱାରା ନୂଆ ସମ୍ପର୍କ ମଜବୁତ ହୋଇଥାଏ।

୮. ବରର କାନ ଚିମୁଟିଥାଏ ଶଳା: ମରାଠୀ ବିବାହରେ କନ୍ୟାର ଭାଇ ଭିଣୋଇର କାନ ଚିମୁଟି ଭଉଣୀର ସାରା ଜୀବନ ଧ୍ୟାନ ରଖିବାକୁ ଚେତାବନୀ ଦେଇଥାଏ।

୯.ଧଳା ପତକା ଧରି ଯାଆନ୍ତି ବରଯାତ୍ରୀ: କୁମାୟୁଁ ବିବାହରେ ଏପରି ପରମ୍ପରା ରହିଛି ଯେ ବରଯାତ୍ରୀ ଧଳା ପତକା ଧରି କନ୍ୟା ଘରକୁ ଯାଇଥାନ୍ତି। ବିଦାୟ ପରେ କନ୍ୟାର ନାଲି ପତକା ଆଗେ ଥାଏ ବରର ଧଳା ପତକା ପଛରେ।

୧୦. ପୋଖରୀରେ ଛଡ଼ାଯାଏ ମାଛ: ମଣିପୁରୀ ବିବାହରେ ନବବିବାହିତ ଦମ୍ପତିଙ୍କ ପାଖରେ ଥିବା ପୋଖରୀରେ ମାଛ ଛଡ଼ାଯାଇଥାଏ।

# ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗରମ ମସଲା

ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଗରମ ମସଲାର ବ୍ୟବହାର କରାଯାଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦକୁ ବଢାଇନଥାଏ, ସ୍ୱାସ୍ଥ୍ୟକୁ ଲାଭ ମଧ୍ୟ ପହଞ୍ଚାଇଥାଏ । ୧୦ରୁ ଅଧିକ ମସଲା, ଯେପରିକି ଡାଲଚିନି, ତେଜପତ୍ର, ଲବଙ୍ଗ, ଗୁଜୁରାତି, ହଳଦୀ, ଜୀରା, ଧନିଆ, ଗୋଲମରିଚକୁ ଗ୍ରାଇଣ୍ଡି କରି ମସଲା ପ୍ରସ୍ତୁତ କରାଯାଉଥିବାରୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେବେ ଆସନ୍ତୁ ଜାଣିବା,ଗରମ ମସଲା ଖାଇଲେ କେଉଁସବୁ ଲାଭ ମିଳିଥାଏ ।



୧- ଗରମ ମସଲା ଖାଇଲେ ପାଚନ କ୍ରିୟା ଠିକ୍ ରହିଥାଏ । ତେଣୁ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

୨- ଏହାକୁ ଖାଇଲେ ଶରୀରରେ ୱେଟ୍ ବର୍ଣ୍ଣ ହୋଇଥାଏ । ଗବେଷଣା ଅନୁସାରେ ଏଥିରେ ଫାଇବର ଥିବାରୁ ଓଜନ ହ୍ରାସ ହୋଇଥାଏ ।

୩- ଯେଉଁମାନଙ୍କୁ ଭୋକ କମ୍ ହେଉଛି,ସେମାନେ ଗରମ ମସଲା ଖାଆନ୍ତୁ । ଏହାଦ୍ୱାରା ପେଟରେ ପାଚନ ରସ ବଢିଥାଏ । ଗରମ ମସଲାରେ ଲବଙ୍ଗ, ଜୀରା ରହିଥିବାରୁ ଏସିଡିଟି କମ୍ ହୋଇଥାଏ ।

୪- ଶରୀରରେ ମେଟା ବୋଲିଜିମ୍ ବଢିଲେ ଓଜନ କମ୍ ହେବ । କେବଳ ଏତିକି ନୁହେଁ, ମୋଟାବୋଲିଜିମ୍ ସୁସ୍ଥ ରହିଲେ,ଶରୀରକୁ ଶକ୍ତି ମିଳିଥାଏ । ଗରମ ମସଲାରେ ଗୋଲମରିଚ ମେଟାବୋଲିଜିମକୁ ସୁସ୍ଥ ରଖିଥାଏ ।

୫- ଗରମ ମସଲାରେ ଥିବା ଜୀରା ଏକ ଆଣ୍ଟି-ଡାଇବେଟିକ୍ ଏଜେଣ୍ଟ । ଏହା ଡାଇବେଟିସର ଲକ୍ଷଣକୁ କମ୍ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ ।


୬- ଜୀରା, ଡାଲଚିନି ଓ ଗୋଲମରିଚରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲାମେଣ୍ଟାରୀ ଗୁଣ ରହିଛି। ତେଣୁ ଏହା ହାର୍ଟକୁ ସୁସ୍ଥ ରଖିଥାଏ ।

ମନେରଖନ୍ତୁ ଆବଶ୍ୟକତାଠାରୁ ଅଧିକ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

# ସୁନ୍ଦର ତ୍ୱଚା ଓ କେଶ ପାଇଁ

କମଳା ଖାଇବାକୁ ଯେପରି ସୁଆଦିଆ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ, ସେଭଳି ଏହାର ଚୋପାର ଫେସ ପ୍ୟାକ ମଧ୍ୟ ତ୍ୱଚା ପାଇଁ ଖୁବ ଉପକାରୀ।

- ପ୍ରଥମେ କମଳାର ଚୋପାକୁ ଭଲ ଭାବେ ଖରାରେ ଶୁଖାଇ ଦିଅନ୍ତୁ। ଭଲ ଭାବେ ଶୁଖାଇବା ପରେ ଏହାକୁ ପେଷି ଦିଅନ୍ତୁ। ପେଷିବା ପରେ ଏହି କମଳା ଚୋପା ଗୁଣ୍ଡରେ ହଳଦୀ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ।
- ଭଲ ଭାବେ ମିଶାଇବା ପରେ ଏଥିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ।
- ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ରଖି ଦିଅନ୍ତୁ। ଶୁଖିବା ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ।
- ସପ୍ତାହକୁ ଥରେ ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ।



କେଶ ଝଡ଼ିବାକୁ ରୋକିବା ପାଇଁ: ପାନର ପତ୍ରକୁ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରି ହେବ । ଏଥିପାଇଁ ସର୍ବପ୍ରଥମେ ପାନ ପତ୍ରକୁ ପେଷି ଦିଅନ୍ତୁ। ଏହାପରେ ସେହି ପେଷ୍ଟରେ ରାଶି କିମ୍ବା ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ।

ଏକ ଘଣ୍ଟା ରଖିବା ପରେ ମୁଣ୍ଡ ସଫା କରି ଦିଅନ୍ତୁ।

ପାନ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ମୁହଁର ଦାଗ ଦୂର କରିଥାଏ। ଗୋଟିଏ କିମ୍ବା ଦୁଇଟି ପାନ ପତ୍ରକୁ ଭିଜାଇ କିଛି ସମୟ ରଖନ୍ତୁ।

ଏହାପରେ ଏହାକୁ ପେଷି ଦିଅନ୍ତୁ। ଏହି ପେଷ୍ଟରେ ହଳଦୀ ମିଶାନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ।

ଦିନକୁ ୨ଥର ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ। ଗାଧୋଇବା ପୂର୍ବରୁ ପାନ ପତ୍ରରେ ପ୍ରସ୍ତୁତ ତେଲ ଲଗାନ୍ତୁ। ଏହାକୁ ଲଗାଇଲେ ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ।

# ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ, ମିଳିବ ସଫଳତା



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ୍ୟ ସଠିକ୍ ଫଳ ମିଳିନଥାଏ। ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ। ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ। କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ। ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି। ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୁର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ। ଏଥି ସହିତ, ୭ ର ସଂଖ୍ୟା ମଧ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ। ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା



ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ୍ୟ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ।

**କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା :**

ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ। ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ। ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

**ଆର୍ଥିକ ସମସ୍ୟା ହେବ ଦୁର :**

ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ।

# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

### ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆହାର କେନ୍ଦ୍ର ପରିଦର୍ଶନ

# ବନ୍ଦ ହେବନି ଆହାର ଯୋଜନା

**ଭୁବନେଶ୍ୱର,୧୮।୭ (ମହାଭାରତ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି କ୍ୟାପିଟାଲ ହସପିଟାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଡାଃ ମହାପାତ୍ର ଆହାର କେନ୍ଦ୍ରରେ ପହଂଚିବା ପରେ ଧାଡିରେ ରହି କୁପନ କିଣି ଲୋକଙ୍କ ସହ ବସି ଭୋଜନ କରିଥିଲେ। ଏହି ଅବସରରେ ଭୋଜନ କରୁଥିବା ଲୋକମାନଙ୍କ ସହ ଖାଦ୍ୟର ଗୁଣବତା ସଂପର୍କରେ ପଚାରି ବୁଝିଥିଲେ ଓ ଆହାର କେନ୍ଦ୍ର ସଂପର୍କରେ ସେମାନଙ୍କର ମତାମତ ପଚାରିଥିଲେ। ଆହାର କେନ୍ଦ୍ରର ପରିସ୍କାର ପରିଛନ୍ନତା ଓ ଖାଦ୍ୟର ଗୁଣବତା ଉପରେ ଗୁରୁତ୍ୱ ଦେବା ସହ ଖରାପ ହୋଇ ଯାଇଥିବା ବାସନ ସଫାକରିବା ଯନ୍ତ୍ର ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଥିଲେ କି ବନ୍ଦ ହେବନି ଆହାର ଯୋଜନା। କାରଣ ଲୋକଙ୍କ ଆଗ୍ରହ ଅଛି ଗୁରୁତ୍ୱ ଦିଆଯାଉଛି। ଆହାର ନାମ ପରିବର୍ତ୍ତନ ନେଇ ପରବର୍ତୀ ସମୟରେ ସମୀକ୍ଷା କରାଯିବ। କ୍ୟାପିଟାଲ ହସ୍ପିଟାଲ ଆହର ପରିଦର୍ଶନ ସମୟରେ ଏହି ମତ ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ



ମହାପାତ୍ର। ସୁସ୍ଥ ଓ ପରିଷ୍କାର ପରିସ୍ଥିତିରେ ଗରିବ ଲୋକଙ୍କୁ ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଖାଦ୍ୟ ଲୋକଙ୍କ ସେବା ଉଦେଶ୍ୟରେ ଦିଆଯାଇଛି। ତେଣୁ ଉନ୍ନତ ମାନର ଖାଦ୍ୟ ଯୋଗାଇବାକୁ ପ୍ରାଥମିକତା ରହୁଛି। କୌଣସି ଅଭିଯୋଗ ରହିଲେ, ବିଏମସି କି ଜିଲ୍ଲପାଳଙ୍କୁ ଜଣାନ୍ତୁ। ଖାଦ୍ୟରେ ପରିବା କମ ଥିବା ଅନୁଭବ କଲେ ମନ୍ତ୍ରୀ। ଯେଉଁଥି ପାଇଁ ସ୍ୱୟଂ ସହାୟକ ମାଆ। ମାନଙ୍କୁ ସେବା ଉଦେଶ୍ୟରେ ଶ୍ରଦ୍ଧା ଦେଇ ଖାଦ୍ୟ ପରିବେଷଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଦରଦାମ ବୃଦ୍ଧି ଏହାର କାରଣ ହୋଇପାରେ। କଣ କଲେ ଭଲ ହୋଇ ପାରିବ, ସେ ଦିଗରେ ବିଚାର ହେଉଛି। ରାଜ୍ୟ ସରକାର ୨୩ ଟଙ୍କା ଓ ଲୋକ ୫ ଟଙ୍କା ଦେଉଛନ୍ତି। ଗରିବଙ୍କ ସେବା ଭାବି ଖାଦ୍ୟ ଯୋଗାଇଲେ ଆହୁରି ଭଲ ଖାଦ୍ୟ ମିଳି ପାରିବ। ଏ ନେଇ ସ୍ୱୟଂ ସହାୟକ ମାଆ। ମାନଙ୍କ ସହ ଆଲୋଚନା କରିବେ ମନ୍ତ୍ରୀ। ଆଜି ମନ୍ତ୍ରୀ ନିଜେ ଟୋକନ କାଟି ଆହାର ଖାଦ୍ୟ ଖାଇଥିଲେ। ଡଷ୍ଟ ବିନ ଠିକ ସ୍ଥାନରେ ରହିବା ସହ ପରିଷ୍କାର ପରିବେଶ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ତାଗିଦ କରିଛନ୍ତି।

ପ୍ରକାଶ ଥାଉକି ୨୦୧୫ ମସିହା ଅପ୍ରେଲ ପହିଲା ପବିତ୍ର ଉତ୍କଳ ଦିବସ ଦିନ ଏହି ସୁଲଭ ରନ୍ଧା ଖାଦ୍ୟ ଯୋଜନା ଆହାର ଆରମ୍ଭ ହୋଇଥିଲା। ବର୍ତମାନ ରାଜ୍ୟର ୧୧୫ ଟି ସହରାଂଚଳରେ ୧୬୮ ଗୋଟି ଆହାର କେନ୍ଦ୍ର ରହିଛି। ସମସ୍ତ ଆହାର କେନ୍ଦ୍ର ଏବଂ କିଚେନ୍ ଆଇ.ଏସ୍.ଓ ପ୍ରମାଣପତ୍ର ହାସଲ କରିବା ସହିତ ଜିଇଓ ସଂଯୁକ୍ତ କରାଯାଇଛି। ୧୬୮ ଆହାର କେନ୍ଦ୍ର ମଧ୍ୟରୁ ୬୧ ଗୋଟି କେନ୍ଦ୍ରରେ ରାତ୍ରିକାଳୀନ ଭୋଜନ ବ୍ୟବସ୍ଥା ରହିଛି । ଦୈନିକ ଏକ ଲକ୍ଷ ମିଲ୍ ଯୋଗାଇ ଦିଆ। ଯାଉଛି।

# ପୂର୍ତ୍ତ ମନ୍ତ୍ରୀଙ୍କ ଏସ୍‌ସିବି ନୂଆ କ୍ୟାମ୍ପସ୍ ନିର୍ମାଣ ସମୀକ୍ଷା



**ଭୁବନେଶ୍ୱର,୧୮।୭ (ମହାଭାରତ):** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲର ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଆଜି ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ନୂତନ କ୍ୟାମ୍ପସ୍‌ର ନିର୍ମାଣ ସ୍ଥିତି ସଂପର୍କରେ ବିଭାଗୀୟ ଅଧିକାରୀ, ଓବିସିସି ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାଣିବାକୁ ଚାହିଁଥିଲେ । ୪୮ ଏକରବିଶିଷ୍ଟ ନିର୍ମାଣାଧିନ ଏହି କ୍ୟାମ୍ପସ୍‌ରେ ଜେନେରାଲ ମେଡିସିନ୍, ସ୍ୱତନ୍ତ୍ର ମେଡିସିନ୍, ସ୍ୱତନ୍ତ୍ର ସର୍ଜରୀ, ସାଧାରଣ ସର୍ଜରୀ ଓ ଟ୍ରମା କେୟାର ଆଦି ବର୍ଗରେ ୨୬୬ଟି ଆଇସିୟୁ ଶଯ୍ୟା ସହ ୨୦୫୮ ଶଯ୍ୟାର ପ୍ରସ୍ତାବ ରହିଛି। ସେହିପରି ନିର୍ମାଣାଧିନ ଏହି କ୍ୟାମ୍ପସ୍‌ରେ ବିଭିନ୍ନ ବର୍ଗର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ୧୩ଟି ଆବାସିକ ଟାୱାରରେ ୫୧୨ ୟୁନିଟ୍ ରହିବ। ୨୨୭୮ ଜଣ ବାଳକ ଓ ବାଳିକା ରହିବା ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲର ନିର୍ମାଣ ସ୍ଥିତି ସଂପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ରୋଷଶାଳା, ଲଣ୍ଡ୍ରି, ଡାଟା ସେଣ୍ଟର, ସେଣ୍ଟ୍ରାଲ ଷ୍ଟୋର ସହ ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟଙ୍କ ପାଇଁ ରହିବା ସ୍ଥାନ, ବହୁତଳ କାର୍ ପାର୍କିଂ ଆଦି ବିଷୟରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତ ଅଧିକାରୀ ଓ ଠିକା ସଂସ୍ଥାର କଥା ଶୁଣିବା ସହ କ୍ୟାମ୍ପସ୍ ନିର୍ମାଣର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ଦ ଭଏସ୍ ବକ୍ସ' ଆରମ୍ଭ

**ଭୁବନେଶ୍ୱର,୧୮।୭ (ମହାଭାରତ):** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫଡିସି) ଭାରତରେ ଭଏସ୍ ଓଭର କଳାକାରମାନଙ୍କ ପାଇଁ 'ଦ ଭଏସ୍ ବକ୍ସ' ନାମକ ଏକ ଉନ୍ନତ କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ନେଟଫ୍ଲିକ୍ସ ଇଣ୍ଡିଆ ସହ ଭାଗିଦାରୀ କରିଛି। ଏହି ଅବସରରେ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ଯୁଗ୍ମ ସଚିବ (ଚଳଚ୍ଚିତ୍ର) ବୃନ୍ଦା ଦେଶାଇ, ନେଟଫ୍ଲିକ୍ସର ଆଇନ ବିଭାଗର ନିର୍ଦ୍ଦେଶକ ଆଦିତ୍ୟ କୁଚ୍ଚି, ନେଟଫ୍ଲିକ୍ସର ପ୍ରତିଯୋଗିତା ନିୟମ ମୁଖ୍ୟ ଫ୍ରେଡି ସୋମେସ୍ ଏବଂ ଅନ୍ୟମାନଙ୍କ ମଧ୍ୟରେ ପର୍ଲ ଏକାଡେମୀର ଅଧକ୍ଷ ଶରଦ ମେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ନୂଆଦିଲ୍ଲୀର ଶାସ୍ତ୍ରୀ ଭବନରେ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫଡିସି)ର ପରିଚାଳନା ନିର୍ଦ୍ଦେଶକ ତଥା ମନ୍ତ୍ରଣାଳୟର ଯୁଗ୍ମ ସଚିବ (ପ୍ରସାରଣ -୨) ପୃଥୁଲ କୁମାର ଏବଂ ନେଟଫ୍ଲିକ୍ସ ଇଣ୍ଡିଆର ଜେନେରାଲ କାଉନସେଲ ତଥା ବରିଷ୍ଠ ନିର୍ଦ୍ଦେଶକ – ବ୍ୟବସାୟ ଓ ଆଇନ ବ୍ୟାପାର ନିର୍ଦ୍ଦେଶକ କିରଣ ଦେଶାଇ ଏହି ଭାଗିଦାରୀକୁ ଆନୁଷ୍ଠାନିକ ରୂପ ଦେବା ପାଇଁ



ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହା ଭାରତୀୟ ସିନେମାକୁ ପ୍ରୋତ୍ସାହିତ କରିବା ଏବଂ ମିଡିଆ ଓ ମନୋରଞ୍ଜନ ଶିଳ୍ପରେ ପ୍ରତିଭାକୁ ପରିପୁଷ୍ଟ କରିବା ପାଇଁ ଏନଏଫଡିସି ଓ ନେଟଫ୍ଲିକ୍ସର ମିଳିତ ଦୃଷ୍ଟିକୋଣ ସହ ସମନ୍ୱିତ।

ଭଏସ୍ ବକ୍ସ କାର୍ଯ୍ୟକ୍ରମରେ ଇଂରାଜୀ, ହିନ୍ଦୀ, ମରାଠୀ, ବଙ୍ଗଳା, ମାଲାୟଲମ୍, ତାମିଲ, ତେଲୁଗୁ ଏବଂ ଗୁଜରାଟୀ ଭାଷା ଉପରେ ଧ୍ୟାନ ଦିଆଯାଇ ଭଏସ୍ ଓଭର କଳାକାରଙ୍କୁ ରିକଗ୍ନିସନ୍ ଅଫ୍ ପ୍ରାୟର ଲର୍ଣ୍ଣିଂ (ଆରପିଏଲ୍) ପ୍ରଶିକ୍ଷଣ ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଭାରତର ସାତଟି ପ୍ରମୁଖ ସହର ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା, ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଓ କୋଚିରେ ପ୍ରଶିକ୍ଷଣ (ଅତିଥି ବକ୍ତୃତା ଏବଂ ପରାମର୍ଶ ଅଧିବେଶନ ସହିତ) ଦିଆଯିବ। ଏହା ପରେ ମୂଲ୍ୟାୟନ ଅନ୍ତର୍ଭୁକ୍ତ କର୍ମଶାଳା ଆୟୋଜନ କରାଯିବ। ପ୍ରତି ବ୍ୟାଚରେ ୩୦ ଜଣ ପ୍ରାର୍ଥୀ ରହିବେ ଏବଂ ପ୍ରାରମ୍ଭିକ ସ୍କ୍ରିନିଂ ମାଧ୍ୟମରେ ୨୧୦ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯିବ।

### ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଙ୍ଗାପୁର ହାଇକମିଶନରଙ୍କ ବୈଠକ

# ଓଡ଼ିଶାରେ ପୁଞ୍ଜିନିବେଶ ନେଇ ସିଙ୍ଗାପୁରର ସହଯୋଗ କାମନା

**ଭୁବନେଶ୍ୱର,୧୮।୭ (ମହାଭାରତ):** ଆଜି ସନ୍ଧ୍ୟାରେ ସିଙ୍ଗାପୁର ସାଧାରଣତନ୍ତ୍ରର ହାଇକମିଶନର ମିଃ ସାଇମନ୍ ୱାଙ୍ଗ୍ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଲୋକସେବା ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ଓଡ଼ିଶାର ପ୍ରଗତି ଦିଗରେ ଆଲୋଚନା କରିଛନ୍ତି। ପୂର୍ବନିର୍ଦ୍ଧାରିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଲେ ଯେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଅର୍ଥନୈତିକ ସହଯୋଗ ବୃଦ୍ଧି ପାଇଁ ଓଡ଼ିଶା ସିଙ୍ଗାପୁର ସହ ସକ୍ରିୟ ଭାବେ ଯୋଗାଯୋଗ ରଖିଅଛି । ଆମେ ସିଙ୍ଗାପୁର ସହିତ ଦୀର୍ଘକାଳୀନ ସହଭାଗିତା ଚାହୁଁ ଯାହା ଉଭୟ ଦେଶର ପାରସ୍ପରିକ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବ । କଳିଙ୍ଗ ଯୁଦ୍ଧ ପରେ ଓଡ଼ିଶାରୁ ବୌଦ୍ଧଧର୍ମର ବହୁଳ ପ୍ରଚାରପ୍ରସାର ଆରମ୍ଭ ହୋଇ ଏହା ମଧ୍ୟପ୍ରାଚ୍ୟରୁ ଦୂରପ୍ରାଚ୍ୟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଓଡ଼ିଶାରେ



ଅନେକଗୁଡ଼ିଏ ବୌଦ୍ଧ କୀର୍ତ୍ତିରାଜି ଏବଂ ସୁଦୀର୍ଘ ସମୁଦ୍ରତଟ ରହିଛି । ଏ କ୍ଷେତ୍ରରେ ସିଙ୍ଗାପୁର ସରକାର ନିବେଶ କରିବାକୁ ଶ୍ରୀ ସିଂହଦେଓ ପ୍ରସ୍ତାବ ଦେଇଥିଲେ।

ବୈଠକରେ ହାଇକମିଶନର ମିଃ ୱାଙ୍ଗ୍ କହିଲେ ଯେ ଓଡ଼ିଶା ଏକ ନିବେଶ ଅନୁକୂଳ ରାଜ୍ୟ । ଆମେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାର ଯୋଜନା ରଖିଛୁ । ଆଲୋଚନା ପରିପ୍ରେକ୍ଷୀରେ ମିଃ ୱାଙ୍ଗ୍ କହିଲେ ଯେ ଆମେ ଓଡ଼ିଶାରେ ଅଦ୍ୟାବଧି ୧୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରିଛୁ ଏବଂ ଭାରତରେ ୧୬୦ ବିଲିୟନ୍ ନିବେଶ କରାଯାଇ ବିଭିନ୍ନ କ୍ଷେତ୍ରରେ ବିକାଶର ଧାରାକୁ ବଜାୟ ରଖିଛୁ । ପର୍ଯ୍ୟଟନ ଓ ବନ୍ଦର ଆଦି କ୍ଷେତ୍ରରେ ଆମେ ପୁଞ୍ଜିନିବେଶକୁ ଆଗକୁ ବଢ଼ାଇବାକୁ ଆଗ୍ରହୀ ବୋଲି ମିଃ ୱାଙ୍ଗ୍ ଉଲ୍ଲେଖ କରି ଏ ଦିଗରେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଆଗାମୀ ଦିନରେ ପୁଞ୍ଜିନିବେଶ ପାଇଁ ସିଙ୍ଗାପୁରକୁ ଏକ ସହଯୋଗୀ ରାଷ୍ଟ୍ର ଭାବେ ନେବାକୁ ସେ ମନ୍ତ୍ରୀଙ୍କୁ ନିବେଦନ କରିବା ସହ ମନ୍ତ୍ରୀଙ୍କୁ ସିଙ୍ଗାପୁର ପରିଭ୍ରମଣରେ ଯିବା ପାଇଁ ଆମନ୍ତ୍ରଣ ଜଣାଇଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମିଃ ୱାଙ୍ଗଙ୍କ ପ୍ରସ୍ତାବକୁ ସ୍ୱାଗତ କରିବା ସହ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ସିଙ୍ଗାପୁରର ସହଯୋଗ କାମନା କରିଥିଲେ । ଆଜିର ଏହି ବୈଠକରେ ମୋଟାମୋଟି ଭାବେ ଓଡ଼ିଶା-ସିଙ୍ଗାପୁରର ପୁଞ୍ଜିନିବେଶ ସଂପର୍କ, ରାଜ୍ୟର ଅର୍ଥନୈତିକ ବିକାଶ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା।

### ପଦ୍ମକେଶରପୁରରେ ସୁଧ କାରବାର ଘଟଣା

# ପୁଣି ଦୁଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୮।୭ (ମହାଭାରତ):** କମିସନରେଟ ପୁଲିସ ଅଧିନ ପଦ୍ମକେଶରପୁରରେ ସୁଧ କାରବାରକୁ ନେଇ ଘଟଣାରେ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁବ୍ରତ ଦାସ ଏବଂ ତ୍ରିବେନ୍ଦ୍ର ଦାସ।

ସୂଚନା ଅନୁସାରେ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସ୍ପେଶାଲ ଟିମ ଗଠନ କରାଯାଇଥିଲା। ପୁଲିସ ୨ ଜଣଙ୍କୁ ଗିରଫ କରିବା ପରେ ଅନ୍ୟମାନଙ୍କୁ ଧରିବା ପାଇଁ ତାଲିକା ପ୍ରସ୍ତୁତ କରିଛି। ଗାଁରେ ହିଂସାକାଣ୍ଡ ନେଇ ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଲା ଯେ- ସୁଧ କାରବାର ଯୋଗୁଁ ଗାଁରେ ହିଂସା ଦେଖାଯାଇଛି। ସୁଧ କାରବାର କରୁଥିବା ମହିଳା ଓ ପୁରୁଷଙ୍କ ତାଲିକା ପ୍ରସ୍ତୁତ କରିଛି।

ଅଭିଯୁକ୍ତମାନେ ମାସିକ ୨୦ ପ୍ରତିଶତ ସୁଦ୍ଧ ନେଇ ଲୋକଙ୍କୁ ଶୋଷଣ କରୁଥିଲେ। ମାସିକିଆ। ସୁଦ୍ଧ ଆଦାୟ ବେଳେ, ଲୋକଙ୍କ ଠାରୁ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିଲେ। ଏମାନେ ଗାଁରେ ଝଗଡା ସୃଷ୍ଟି କରିବା ସହ, ହିଂସାକୁ ବଢ଼ାଉଥିଲେ। ଯେଉଁମାନେ ସୁଧ କାରବାର ନାଁରେ ଶୋଷଣ କରୁଥିବା ଲୋକଙ୍କୁ ଚିହ୍ନଟ ସାରିଛି। ଏମାନଙ୍କୁ ଗିରଫ କରିବା ପାଇଁ କେନ୍ଦ୍ରାପଡା, ମୟୁରଭଞ୍ଜରେ ପୁଲିସ ଚଢ଼ାଉ କରିଥିଲା।

ପୁଲିସ କହିଛି ମୋଟ ୪ ମାମଲା ରୁଜୁ ହୋଇଛି। ଏଥିରେ ଦାଦାବଟି ଆଦାୟ ପାଇଁ ୪ଟି ଏବଂ ମନି ଲଣ୍ଡିଙ୍ଗ ପାଇଁ ୨ଟି ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ ଚାଲିଛି। ଯେଉଁମାନେ ସମସ୍ୟା ଭିତରେ ଅଛନ୍ତି ପୁଲିସକୁ ଜଣାଇପାରିବେ। ଲୋକମାନଙ୍କୁ ଥାନାକୁ ଆସି ରିପୋର୍ଟ କରିବାକୁ ଡିସିପି କହିଛନ୍ତି।

### ବିଜେଡି ଦଳୀୟ ବିଧାୟକଙ୍କୁ ବିଭାଗ ବଣ୍ଟନ ନେଇ ବିଜେପିର ସମାଲୋଚନା

# ଜନମତକୁ ସମ୍ମାନ ଦେବା ଶିଖୁ ବିଜେଡି : ଏକାମ୍ର ବିଧାୟକ

**ଭୁବନେଶ୍ୱର,୧୮।୭ (ମହାଭାରତ):** ଛାୟା ସରକାର ଷ୍ଟ୍ରାଟେଜିରେ ବିଜେଡି ଦଳୀୟ ବିଧାୟକଙ୍କୁ ବିଭାଗ ବଣ୍ଟନ କରିବାକୁ ନେଇ ସମାଲୋଚନା କରିଛି ବିଜେପି। ଏକାମ୍ର ବିଧାୟକ ବାବୁ ସିଂ ବିଜେଡିକୁ କଟାକ୍ଷ କରି କହିଛନ୍ତି, ଲୋକେ ତାଙ୍କୁ କ୍ଷମତାରୁ ବାହାର କରିସାରିଛନ୍ତି, ତଥାପି ସେମାନେ ଭାବୁଛନ୍ତି ଆଜି ସରକାରରେ ଅଛନ୍ତି। ସରକାର ବିଭାଗ ବଣ୍ଟନ କରନ୍ତି ବିରୋଧୀ ଦଳ ନୁହେଁ, ଲୋକେ ଭୁଲ ଠିକ ନିର୍ଦ୍ଧାରଣ କରନ୍ତି। ବିରୋଧୀ ଦଳ ଯଦି କ୍ଷମତାରେ ରହିବା ପାଇଁ ଏତେ ବ୍ୟାକୁଳ, ତେବେ ନିର୍ବାଚନ ଯାଏ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ବାବୁ ସିଂ।

ଏକାମ୍ର ବିଧାୟକ ବାବୁ ସିଂ ଆହୁରି କହିଛନ୍ତି, ଏବେ ବିରୋଧୀ ଦଳରେ ଥିବା ବିଜେଡିର ଯେହେତୁ ସରକାରରେ ରହିବାର ହ୍ୟାଙ୍ଗ ଓଭର ଯାଇନି, ସେଥିପାଇଁ ଦଳ ପକ୍ଷରୁ ଏଭଳି ବିଭାଗ ବଣ୍ଟନର କରାଯାଇଛି। ଲାଗୁଛି ବିଜୁ ଜନତା ଦଳର ଛାୟା କେନ୍ଦ୍ର ସାଜିଥିବା ତାମିଲ ବାବୁଙ୍କ ନିର୍ଦ୍ଦେଶରେ ଏ ସବୁ ହେଉଛି। ବିଜେଡିକୁ ଲୋକେ ସରକାରରୁ ବାହାର କରି ଦେଇଛନ୍ତି, ସେଥିପାଇଁ ସେମାନେ ବିରୋଧୀ ଦଳର ଭୂମିକାକୁ ସଠିକ ଭାବେ ନିର୍ବାହ କରନ୍ତୁ। ସରକାରର ହ୍ୟାଙ୍ଗ ଓଭରରୁ ଦୁରେଇ ରୁହନ୍ତୁ। ଜନସାଧାରଣ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ସରକାର ପୂରା କରିବେ।

ଏହାସହ ବାବୁ ସିଂ କହିଛନ୍ତି, ନୂଆ। ସରକାର ଆସିବା ଦିନଠାରୁ ଯେଉଁ ସବୁ ନିଷ୍ପତ୍ତି ନିଆଯାଉଛି, ତାହା ପୂର୍ବ ସରକାରରେ ଥିବା ନେତାଙ୍କୁ କଷ୍ଟ ହେଉଛି। ନିଜର ପୋଲ ଖୋଲିବା ଭୟରେ ଏଭଳି କରୁଛି ବିଜେଡି। ଏସବୁକୁ ଛାଡ଼ି ଜନମତକୁ ବିଜେଡି ସମ୍ମାନ ଦେବା ଶିଖୁ ବୋଲି କହିଛନ୍ତି ଏକାମ୍ର ବିଧାୟକ।

# ନକଲି ଚା' ପ୍ରସ୍ତୁତି କାରଖାନା ଠାବ

**ଭୁବନେଶ୍ୱର,୧୮।୭ (ମହାଭାରତ):** କଟକରୁ ନକଲି ଚା' ପ୍ରସ୍ତୁତି କାରଖାନା ଠାବ। ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିଲେ, ଠାବ ହେଲା ନକଲି ଚା' ପ୍ରସ୍ତୁତି କାରଖାନା। କଟକ ଜଗତପୁର ୪୮ ନମ୍ବର ୱାର୍ଡରେ ସିଏମସି ଏନଫୋର୍ସମେଣ୍ଟ ଟିମ୍ ଦ୍ୱାରା ବେଆଇନ ସରକାରୀ ଜମି ଜବରଦଖଲ ଉଚ୍ଛେଦ ବେଳେ ଖୋଲିଥିଲା ଏହି ନକଲି କମ୍ପାନୀ ରହସ୍ୟ।

କିଛି ମାସ ତଳେ ନକଲି ମସଲା ଠାରୁ ଆରମ୍ଭ କରି ନକଲି ସିମେଂଟ କାରଖାନା କଟକରେ ଠାବ ହୋଇଥିଲା। ସେହିଭଳି ଏବେ ଆଉ ଏକ ନକଲି କାରଖାନା ଠାବ ହୋଇଛି। ଜଗତପୁର ଅଂଚଳରୁ ଠାବ ହୋଇଛି ଏହି ନକଲି ଚାପତି କାରଖାନା। ସେପୁଣି କୋଉ ଛୋଟମୋଟ କମ୍ପାନୀ ନୁହେଁ, ଦେଶର ନାମୀଦାମୀ ବ୍ରାଣ୍ଡ କୁହାଯାଉଥିବା ଟାଟା ଟି ପ୍ରିମିୟମ ନାଁରେ ପ୍ୟାକେଜିଂ କରି ମାର୍କେଟକୁ ଏହି ଚାପତି ଛଡା ଯାଉଥିଲା। ଖବର ପାଇ ଗୁରୁବାର ଏହାକୁ ନିଜ ହେପାଜତକୁ ନେଇଛି ସିଏମସି।

ଗୁରୁବାର ଜଗତପୁର ଅଂଚଳର ୪୮ ନମ୍ବର ୱାର୍ଡରେ ବେଆଇନ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରୁଥିଲେ କଟକ ମହାନଗର ନିଗମର ଏନଫୋର୍ସମେଂଟ ଟିମ୍। ହେଲେ ଆଳୁ ଖୋଳୁ ମହାଦେବ ବାହାରିଲା ଭଳି ବେଆଇନ ଭାବେ ନିର୍ମାଣ ହୋଇଥିବା ଏହି ଆଜବେଷ୍ଟ ଘରୁ ଠାବ ହୋଇଥିଲା ନକଲି ଚାପତି ଫ୍ୟାକ୍ଟ୍ରି। ଦୀର୍ଘ ଦିନଧରି ଜଗତପୁର ଲକ୍ଷଣପୁର କେନାଲ ବନ୍ଧରେ ଏକ ନିର୍ଜନ ସ୍ଥାନରେ ଏହି ଛୋଟ ଘରେ ଚାଲିଥିଲା ଟାଟା କମ୍ପାନୀ ନାମରେ ନକଲି ଚାପତି ପ୍ୟାକିଙ୍ଗ। ଘର ଭାଙ୍ଗିବା ସମୟରେ ଦେଖିବାକୁ ମିଳିଲା ଯେ ଗୁଡ଼ାଏ ଟାଟା କମ୍ପାନୀର ଛୋଟ ଛୋଟ ପ୍ୟାକେଟ ସହିତ, ତିନୋଟି ଅଲଗା ଅଲଗା କମ୍ପାନୀର ଚା ପତି, ଗୋଟିଏ ମିକ୍ସ ଓ ପ୍ୟାକିଙ୍ଗ ମେସିନ, ଗୋଟିଏ ସିଲାଇ ମେସିନ, ଅନେକ ଗୁଡ଼ିଏ ବ୍ୟାଣ୍ଡର ପ୍ୟକେଜିଂ ଜରି ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶକୁ ନିଜ ହେପାଜତକୁ ନେଇଛି ସିଏମସି। କଟକରେ ବାରମ୍ବାର ବିଭିନ୍ନ ନକଲି ସାମଗ୍ରୀ ଜବତ ହେଉଥିବା ବେଳେ ସିଏମସିର ନାକନିଶ ତଳେ କିଭଳି ଏଭଳି ବେଆଇନ କାମ ଚାଲୁଛି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପାଇଁ ୯୯ ପ୍ରତିଶତ ଜମି ଅଧିଗ୍ରହଣ ଶେଷ

**ଭୁବନେଶ୍ୱର,୧୮।୭ (ମହାଭାରତ):** ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରୁ ଜଣାପଡ଼ିଛି ଯେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଦୈର୍ଘ୍ୟ ମୋଟ ୩୦୧ କିମି ହୋଇଥିବାବେଳେ ଏଥି ମଧ୍ୟରୁ ୧୮୩ କିମି ରେଳପଥ କାମ ସମ୍ପୂର୍ଣ୍ଣ ହୋଇ ରେଳ ଚଳାଚଳ ଯୋଗ୍ୟ ହୋଇ ତା' ମଧ୍ୟରୁ ୧୧୪ କିମିର କାର୍ଯ୍ୟ ଚାଲୁରହିଛି । ବର୍ତ୍ତମାନ ସୁଦ୍ଧା ମାତ୍ର ୩.୮ କିମି ଜମି ଅଧିଗ୍ରହଣରେ ସମସ୍ୟା ରହିଛି। ଏହା ମଧ୍ୟରୁ ନୟାଗଡ଼ ଜିଲ୍ଲାରେ ୩.୧ କିମି ଓ ବୌଦ୍ଧ ଜିଲ୍ଲାରେ ୭୦୦ ମିଟର ଜମି ଅଧିଗ୍ରହଣ ବାକି ରହିଛି । ଏହି ଜମି ଅଧିଗ୍ରହଣରେ ଥିବା ସମସ୍ୟା ଆଗାମୀ ୧୫ ଦିନରେ ସମାଧାନ କରି ରେଳପଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନୟାଗଡ଼ ଓ ବୌଦ୍ଧ ଜିଲ୍ଲାପାଳଙ୍କୁ ନିର୍ଦେଶ ଦେଇଛନ୍ତି ।



ରେଳପଥ ପ୍ରକଳ୍ପ ଦ୍ୱାରା ଉଭୟ ଜିଲ୍ଲାର ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ସେମାନଙ୍କୁ ବିଭିନ୍ନ ଜନହିତକର ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କର ଜୀବିକାନିର୍ବାହ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ମାମଲା ହାଇକୋର୍ଟ ଓ ଜିଲ୍ଲା କୋର୍ଟରେ ବିଚାରାଧିନ ଥିବାବେଳେ ଏଥିରେ ସମନ୍ୱୟ ରକ୍ଷାକରି କେସ୍‌ଗୁଡ଼ିକର ତ୍ୱରିତ ଫଇସଲା ଦିଗରେ କାର୍ଯ୍ୟ କଲେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରିବ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନୟାଗଡ଼ ଓ ବୌଦ୍ଧର ଜିଲ୍ଲାପାଳ, ଡିଭିଜନାଲ ଫରେଷ୍ଟ ଅଫିସର ଓ ତହସିଲଦାରଙ୍କ ସହ ବିଭିନ୍ନ ଗ୍ରାମରେ ଥିବା ଜମି ଅଧିଗ୍ରହଣ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶଦ ଭାବେ ଅବଗତ ହେବା ସହ ଏସବୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଓ ସମାଧାନର ବାଟ ବାହାର କରିଥିଲେ।

ଅଧିଗ୍ରହଣ ହେବାକୁ ଥିବା ଜମି ମଧ୍ୟରେ କିଛି ଜଙ୍ଗଲ ଜମି ରହିଥିବାରୁ, ଏସବୁର ଆଇନଗତ ଦିଗ ସମ୍ପର୍କରେ ତର୍ଜମା କରି ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କେତେକ ସ୍ଥଳେ ଗ୍ରାମସଭା ଡକାଇ ରେଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଲୋକମାନଙ୍କୁ ବୁଝାଇଶୁଝାଇ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥାରେ ପ୍ରକଳ୍ପ ପାଇଁ ଜମି ଛାଡ଼ିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ଅର୍ଥନୈତିକ ବିକାଶରେ ଏହା ସହାୟକ ହେବା ସହ ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଗମନାଗମନ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ସାଧିତ ହୋଇପାରିବ । ଏଭଳି ଏକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆଗେଇ ନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାମସଙ୍ଗର ଜେଡ଼ ଫୋଲ୍ଡ୍‌୬, ଜେଡ଼ ଫ୍ଲିପ୍‌୬ର ଉନ୍ମୋଚିତ

**ଭୁବନେଶ୍ୱର,୧୮।୭ (ମହାଭାରତ):** ସାମସଙ୍ଗ ଯାହାକି ଭାରତର ଏକ ବୃହତ୍ ଗ୍ରାହକ ଇଲେକଟ୍ରୋନିକ୍ସ ବ୍ରାଣ୍ଡ ଏହାର ଷଷ୍ଠ ପୀଢ଼ିର ଫୋଲଡ଼େବୁଲ ସ୍ମାର୍ଟଫୋନ ନିମନ୍ତେ ଭାରତରେ ପୂର୍ବ ଅର୍ଡ଼ରକୁ ଉନ୍ମୁକ୍ତ କରିଛି ଯେଉଁଥିରେ ରହିଛି ଗାଲାକ୍ସି ଜେଡ଼ ଫୋଲ୍ଡ୍‌୬ ଏବଂ ଜେଡ଼ ଫ୍ଲିପ୍‌୬ର ଯାହାକି ଗାଲାକ୍ସି ଏଆଇର ପରବର୍ତ୍ତୀ ଅଧ୍ୟାୟକୁ ଉନ୍ମୋଚନ କରିବ। ଏହି ନୂତନ ଗାଲାକ୍ସି ଜେଡ଼ ଫୋଲ୍ଡ୍‌୬ ଏବଂ ଜେଡ଼ ଫ୍ଲିପ୍‌୬ର ଏଆଇ ସହିତ ସଂଯୋଗକରଣ ଏହାକୁ ଅଧିକ ଉପରକୁ ନେଇପାରିବ ଯାହାକି ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ମୋବାଇଲ ଅଭିଜ୍ଞତା ପାଇଁ ସକ୍ଷମ କରିପାରିବ। "ସାମସଙ୍ଗରେ ଆମେ ଅତି ଉତ୍ସୁକତାର ସହିତ ଏହାର ଷଷ୍ଠ ପୀଢ଼ିର ଫୋଲଡ଼େବୁଲ ସ୍ମାର୍ଟଫୋନ ନିମନ୍ତେ ଭାରତରେ ପୂର୍ବ ଅର୍ଡ଼ରକୁ ଉନ୍ମୁକ୍ତ କରିଛି ଯେଉଁଥିରେ ରହିଛି ଗାଲାକ୍ସି ଜେଡ଼ ଫୋଲ୍ଡ୍‌୬ ଏବଂ ଜେଡ଼ ଫ୍ଲିପ୍‌୬। ଏହି ନୂଆ ସ୍ମାର୍ଟଫୋନ ବିଭିନ୍ନ ପ୍ରକାରର ନୂଆ ଅଭିଜ୍ଞତାକୁ ନେଇ ସୂଚନା, ଉତ୍ପାଦନ ତଥା ସୃଜନଶୀଳତାର ଗଠନର ନୂଆ ଅଭିଜ୍ଞତା ପ୍ରଦାନ କରିବ। ସମ୍ମିଳିତ ଭାବରେ ରହିଥିବା ଏଆଇ ସଂଯୁକ୍ତ ଗାଲାକ୍ସି ଇକୋସିଷ୍ଟମକୁ ସଂଯୋଗ କରି ଆମର ଏହି ନୂଆ ଉତ୍ପାଦନ ଆପଣମାନଙ୍କୁ ସଶକ୍ତ କରିବା ସହିତ ଜୀବନଶୈଳୀକୁ ଅଧିକ ଆରାମଦାୟକ କରିବାକୁ ଯାଉଛି। ମୁଁ ଉଲ୍ଲାସର ସହିତ ଏଠାରେ ଘୋଷଣା କରୁଛି ଯେ, ଏହି ନୂତନ ଉଭୟ ଗାଲାକ୍ସି ଜେଡ଼ ଫୋଲ୍ଡ୍‌୬ ଏବଂ ଜେଡ଼ ଫ୍ଲିପ୍‌୬ର ଉତ୍ପାଦନ ଆମର ନଏଡ଼ାରେ ଅବସ୍ଥିତ କାରଖାନା ଠାରେ କରାଯିବ" ଅତି ଖୁସିର ସହିତ ଏହି ମତବ୍ୟକ୍ତ କରିଛନ୍ତି ।

## କୃତ୍ରିମ ବନ୍ୟା

ବର୍ଷାରେ ସହରବାସୀ ଜଳବନ୍ଦୀ ହୋଇଯାଉଛନ୍ତି। ଅନେକ ସ୍ଥାନରେ ବର୍ଷା ପାଣି ଲହଡ଼ି ମାରୁଛି। ଲୋକେ ଘରୁ ପଦାକୁ ବାହାରି ପାରୁନାହାଁନ୍ତି। ଅନେକ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଉଛି। ରାସ୍ତାରେ ଯାଉଥିବା ଗାଡ଼ିମୋଟର ସବୁ ପାଣିରେ ବୁଡ଼ିଯାଉଛି। ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ ହେଉଛି। ଲୋକେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ କଷ୍ଟ ସ୍ୱୀକାର କରୁଛନ୍ତି। ଅନେକ ସମୟରେ ଏଥିରେ ଜୀବନ ମଧ୍ୟ ଚାଲିଯାଉଛି। କିଛି ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷାରେ ଏକ ନାଳରେ ପାଣି ସୁଅ ଛୁଟୁଥିବା ବେଳେ ସେଥିରେ ଜଣେ ବାଳକ ଏଥିରେ ଭାସିଯାଇ ପ୍ରାଣ ହରାଇଛନ୍ତି। ପ୍ରତିବର୍ଷ କଟକ-ଭୁବନେଶ୍ୱରରେ ଏଭଳି ଘଟଣା ଘଟୁଛି ଏବଂ ମୂଲ୍ୟବାନ ଜୀବନ ଯାଉଛି। ଏହାକୁ ରୋକିବା ମଧ୍ୟ ସମ୍ଭବ ନୁହେଁ। କେତେ ଯାଗାରେ ସରକାର ନାଳ ବା ଡ୍ରେନ ଉପରେ ଢାଙ୍କୁଣି ପକାଇବେ? କିଛି ସ୍ଥାନରେ ଏହା ସମ୍ଭବ। ଆଉ କିଛି ସ୍ଥାନରେ ବାଡ଼ ଦିଆଯାଇପାରେ। କିନ୍ତୁ ସବୁଠି ସବୁ ବେଳେ ଏହା ସମ୍ଭବ ନୁହେଁ। ବର୍ଷାସମୟରେ ବା ବର୍ଷା ଛାଡ଼ିଯିବାର ଅଧଘଣ୍ଟା ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ। ଏହି ସମୟରେ ଅଭିଭାବକମାନଙ୍କର ଦାୟିତ୍ୱ ରହିଛି। ବର୍ଷା ବେଳେ ବା ବର୍ଷା ଛାଡ଼ିଯିବା ପରେ କିଛି ସମୟ ପର୍ଯ୍ୟନ୍ତ ପିଲାମାନଙ୍କୁ ପଦାକୁ ଛାଡ଼ିବା ଅନୁଚିତ। ଏହା କେବଳ ଓଡ଼ିଶା ବା ଭୁବନେଶ୍ୱର ନୁହେଁ, ଦେଶର ଅନ୍ୟାନ୍ୟ ମହାନଗରୀ ବିଶେଷ କରି ମୁମ୍ବାଇ, ଦିଲ୍ଲୀ ଭଳି ନଗରୀରେ ମଧ୍ୟ ସମାନ ପରିସ୍ଥିତି। ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ପରେ ଅନେକ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଲା। ବର୍ଷା ପାଣି ଖସିବାକୁ ସ୍ଥଳ ବିଶେଷରେ ଦେଢ଼ରୁ ଦୁଇଘଣ୍ଟା ସମୟ ଲାଗୁଛି। ଏହାର କାରଣ ହେଲା ଜଳନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି। ବର୍ଷା ହେଲେ ପାଣି ସୁଅ ଛୁଟିବ। କିନ୍ତୁ ପାଣି କିପରି ଶୀଘ୍ର ଖସିବ ସେହି ବ୍ୟବସ୍ଥା ହେବା ଉଚିତ। ବଡ଼ ବଡ଼ ସହରରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ବଡ଼ ବଡ଼ କୋଠାମାନ ଗଢ଼ିଉଠୁଛି। ଅନେକ ସ୍ଥାନରେ ବେଆଇନ ଭାବେ କୋଠା ନିର୍ମାଣ ହେଉଛି। ଜଳନିଷ୍କାସନ ନିମନ୍ତେ ରହିଥିବା ନାଳ ଉପରେ ଘର ତିଆରି ହେଉଛି। ଅସ୍ଥାୟୀ ଦୋକାନ ଘର ନିର୍ମାଣ ହେଉଛି। ରାସ୍ତାକୁ ଜବର ଦଖଲ କରି ଘର ନିର୍ମାଣ ହେଉଛି। ରାସ୍ତା ଓ ଘର ମଧ୍ୟରେ କିଛି ଖାଲି ସ୍ଥାନ ରହୁନି। ସମସ୍ତେ ଘର ତିଆରି କରି ଭଡ଼ା ଦେବାରେ ବ୍ୟସ୍ତ। ନାଳରେ ପଲିଥିନ ଭର୍ତ୍ତି ହେଉଛି ଯାହା ଜଳନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଜନସଂଖ୍ୟା ଏବଂ ଗାଡ଼ିମୋଟର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅନେକ ସ୍ଥାନରେ ଫ୍ଲାଏ ଓଭରବ୍ରିଜ ଏବଂ ବହୁତଳ କୋଠା ବା ଆପାର୍ଟମେଣ୍ଟ ଗଢ଼ି ଉଠୁଛି। ଫ୍ଲାଏ ଓଭରବ୍ରିଜ ନିର୍ମାଣ ମଧ୍ୟ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ଏକ ବଡ଼ କାରଣ। ଫ୍ଲାଏ ଓଭରବ୍ରିଜ ଉପରୁ ବର୍ଷା ପାଣି ଗଡ଼ି ଆସି ତଳେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରତିକାର ନିମନ୍ତେ ମାଷ୍ଟର ପ୍ଲାନର ଆବଶ୍ୟକତା ରହିଛି। ଭୂତଳ ଡ୍ରେନ ନିର୍ମାଣ ସହ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ପଡ଼ିବ। ରାସ୍ତା କଡ଼ରେ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ପଡ଼ିବ। ଏହା ସହିତ ଜଳ ନିଷ୍କାସନର ପ୍ରାକୃତିକ ପଥକୁ ଉନ୍ମୁକ୍ତ ରଖିବାକୁ ପଡ଼ିବ। ଜଳର ପ୍ରକୃତି ହେଲା ତଳକୁ ଗଡ଼ିବା। ଏହାକୁ ରାସ୍ତା ଦେବାକୁ ପଡ଼ିବ। ବନ୍ଧ ବାନ୍ଧି ଏହାକୁ ଅଟକାଇଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ। ରାଜଧାନୀ ଭୁବନେଶ୍ୱରର କଳେବର ଏବଂ ଜନସଂଖ୍ୟା ଗତ ତିନି ଦଶନ୍ଧି ମଧ୍ୟରେ ୪ଗୁଣ ବୃଦ୍ଧି ପାଇଛି। ସହରରେ ଶହ ଶହ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି। ଅନେକ ସ୍ଥାନରେ ଫ୍ଲାଏ ଓଭରବ୍ରିଜ ନିର୍ମିତ ହୋଇଛି। ରାସ୍ତା ଅବରୁଦ୍ଧ କରାଯାଇ ନିର୍ମାଣ ହୋଇଛି। ଏଥିରେ ବହୁ ବଡ଼ ବଡ଼ିଆ, ପ୍ରଭାବଶାଳି ବ୍ୟକ୍ତି ସମ୍ପୃକ୍ତ।

“

*ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ମହାବୀର କେବଳ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱରେ ନଥାନ୍ତି। ସେ ମଧ୍ୟ ମନ୍ଦିରକୁ ବାହ୍ୟ ଉପଦ୍ରବରୁ ରକ୍ଷା କରନ୍ତି। ଏହା ବ୍ୟତୀତ ହନୁମାନ ମଧ୍ୟ ବିରାଟ ପୁରୁଷୋତ୍ତମ ଧାମର ରକ୍ଷକ। ପୁରୀର ପୂର୍ବ ଦିଗରେ ଚକ୍ରତୀର୍ଥ ପାଖରେ ଦରିଆ ବେଢ଼ି ହନୁମାନ ବିଦ୍ୟମାନ। କଥିତ ଅଛି ସମୁଦ୍ରର ଉତ୍ତାଳ ଜଳରାଶି ପୁରୀ ସହର ମଧ୍ୟରେ ପ୍ରବେଶ କରି ଜନବସତି ଓ ବାସିନ୍ଦାମାନଙ୍କର ବହୁତ କ୍ଷତି ସାଧନ କରୁଥିଲା। ବେଳେବେଳେ ତାଙ୍କର ସର୍ବସ୍ୱ ସମୁଦ୍ର ହରଣ କରି ନେଉଥିଲା।*

## ଜଗନ୍ନାଥ ଓ ହନୁମାନ

॥ ଡାକ୍ତର ଦିଲ୍ଲୀପ କୁମାର ମହାରଣା ॥

ଜଗନ୍ନାଥ ସଂସ୍କୃତି ସହିତ ହନୁମାନ ଅତି ଘନିଷ୍ଠ ଭାବରେ ସଂପୃକ୍ତ। କାରଣ ହନୁମାନଙ୍କ ଦୃଷ୍ଟିରେ ଜଗନ୍ନାଥ ମହାପ୍ରଭୁ ହିଁ ଭଗବାନ ରାମଚନ୍ଦ୍ର। ହନୁମାନ ସଦାବେଳେ ରାମଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ଉପବେଶନ କରନ୍ତି। ବୁଧ କୌଶିକ ଋଷିଙ୍କ ଭାଷାରେ – ‘ଦକ୍ଷିଣେ ଲକ୍ଷ୍ମଣୋ ଯସ୍ୟ ବାମେ ଚ ଜନକାତ୍ମଜା, ପୁରତୋ ମାରୁତିଃ ଯସ୍ୟ ତଂ ବନ୍ଦେ ରଘୁନନ୍ଦନମ୍।।’ ସେହି ଦୃଷ୍ଟିରୁ ବିଚାର କଲେ ଆମେ ଦେଖୁ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କଲାବେଳେ ପୂର୍ବଦ୍ୱାର ବା ସିଂହଦ୍ୱାର ପାଖରେ ବାମ ପାଖରେ ‘ଫତେ ହନୁମାନ’ ବିରାଜମାନ କରିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଯଦି ହନୁମାନ ଜଗନ୍ନାଥ ମହାପ୍ରଭୁଙ୍କୁ ଭଗବାନ ରାମ ରୂପରେ ସ୍ୱୀକାର କରି ନଥାନ୍ତେ, ତାହାହେଲେ ସେ କଦାପି ଶ୍ରୀମନ୍ଦିରର ପୁରୋଭାଗରେ ଉପବେଶନ କରି ନଥାନ୍ତେ। କେବ ସେତିକି ନୁହେଁ, ହନୁମାନ ଶ୍ରୀମନ୍ଦିରର ଚାରି ଦିଗରୁ ଚାରି ଦୁଆରରେ ମଧ୍ୟ ବିରାଜମାନ କରିଛନ୍ତି। ପୂର୍ବ ଦ୍ୱାର ବ୍ୟତୀତ ପଶ୍ଚିମ ଦ୍ୱାର ପାଖରେ ବୀର ହନୁମାନ, ଉତ୍ତର ଦୁଆର ପାଖରେ ତପସ୍ୱୀ ହନୁମାନ ଓ ଦକ୍ଷିଣ ଦୁଆର ପାଖରେ ବାର ଭାଇଆ ହନୁମାନ ବିଦ୍ୟମାନ। ସତେ ଯେପରି ମହାବୀର ହନୁମାନ ଚତୁର୍ଦ୍ଦିଗରୁ ନିଜର ଇଷ୍ଟ ଜଗନ୍ନାଥ ମହାପ୍ରଭୁଙ୍କୁ ସତର୍କ ପ୍ରହରୀ ରୂପରେ ଜଗି ବସିଛନ୍ତି। ଭକ୍ତ କେଉଁ ଦୁଆର ବାଟେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଗଲେ ସୁଦ୍ଧା ସେ ପ୍ରଥମେ ହନୁମାନଙ୍କ ଦର୍ଶନ ନକରି ଯାଇପାରିବ ନାହିଁ। ହନୁମାନ ହେଉଛନ୍ତି ଜଗନ୍ନାଥଙ୍କର ଦ୍ୱାରପାଳ।

ମହୋଦଧିର ଉତ୍ତଳା ତରଙ୍ଗମାଳା ଓ ତଜ୍ଜନିତ ଭୀଷଣ ଗର୍ଜନ ପୁରୀ ସହରର କୋଣେ କୋଣେ ଶବ୍ଦାୟିତ ହୁଏ। ଏହି ଭୟଙ୍କର ଶବ୍ଦ ମଧ୍ୟ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରି ଭକ୍ତମାନଙ୍କୁ ନିରୋଳାରେ ନିଃଶବ୍ଦରେ ସାଧନ - ଭଜନ କରିବାରେ ବାଧା ସୃଷ୍ଟି କରୁଥିଲା। ତେଣୁ ଭକ୍ତମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଏ ସମ୍ପର୍କରେ ପ୍ରାର୍ଥନା କଲେ। ତଦନ୍ତେ ଭଗବାନ ହନୁମାନଙ୍କୁ ଏହାର ପ୍ରତିକାର କରିବାକୁ ଆଦେଶ ଦେଲେ। ସେହି ଅନୁସାରେ ମହାବୀର ହନୁମାନ ବିଶାଳ ବିରାଟକାୟ ରୂପ ଧରି ଶ୍ରୀମନ୍ଦିରର ଦକ୍ଷିଣ ଦୁଆର ପାଖରେ ଦଣ୍ଡାୟମାନ ହୋଇ ସମୁଦ୍ରର ଗର୍ଜନକୁ ରୋକିଦେଲେ। ସେହି ଦିନଠାରୁ ସମୁଦ୍ରର ଗର୍ଜନ ଆଉ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରେ ନାହିଁ। ଏହି ଘଟଣାରେ କୌଣସି ଆଲଙ୍କାରିତା ନାହିଁ। ଏହା ପ୍ରତ୍ୟକ୍ଷ ଯେତେ ଝଡ଼, ଝଞ୍ଜା, ବତାସ ହେଲେ ସୁଦ୍ଧା ସମୁଦ୍ରର ଗର୍ଜନ କେଭେ ବି ମନ୍ଦିରକୁ ଶୁଣାଯାଏ ନାହିଁ। ଏହି ବିଶାଳ ହନୁମାନଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୮ଫୁଟ। ଏହାକୁ କାନପାତା ହନୁମାନ ବା ଶବ୍ଦଭେଦୀ ହନୁମାନ କୁହାଯାଏ। ସେ ମନ୍ଦିରର ଦକ୍ଷିଣ ଦୁଆରର ବାହାର ପଟେ ଠିଆ ହୋଇଛନ୍ତି।

ଷୋଡ଼ଶ ଶତାବ୍ଦୀରେ ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା। ସେ ବର୍ଷ ଭୀଷଣ ତୋଫାନ ହେବାରୁ ଶ୍ରୀମନ୍ଦିରର ନୀଳଚକ୍ର ତେଢ଼ା ହୋଇ ବଙ୍କା ହୋଇଗଲା। ତାକୁ ସିଧା କରିବାକୁ ବହୁତ ଚେଷ୍ଟା କରାଗଲା। ବିଭିନ୍ନ ଆଡୁ ଅନେକ ବିନ୍ଧାଣୀ, ମିସ୍ତ୍ରୀ ଓ ଇଞ୍ଜିନିଅରମାନେ ଆସି ବହୁତ ପ୍ରଚେଷ୍ଟା କଲେ ବି କେହି କୃତକାର୍ଯ୍ୟ ହୋଇପାରିଲେ ନାହିଁ। ଶ୍ରୀମନ୍ଦିର ହେଉଛି ଓଡ଼ିଶାର ସଂସ୍କୃତିର ନିଶାଣ। ତାର ନୀଳଚକ୍ର ଯଦି ସବୁଦିନ ପାଇଁ ବଙ୍କା ହୋଇ ରହେ, ତାହେଲେ ଏହା ଦେଶ ତଥା ଜାତି ପ୍ରତି ଗୋଟିଏ ଅଶୁଭ ସୂଚନା ବୋଲି ସମସ୍ତେ ମନରେ ଆଶଙ୍କା ଆଣିଲେ। ତେଣୁ ପୁରୀର ବାସିନ୍ଦା, ପଣ୍ଡା, ପଢ଼ିଆରୀ, ଭକ୍ତଗଣ ସମସ୍ତେ ମିଶି ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ସେହି ସମୟରେ ଶ୍ରୀ ସନ୍ଥ ଦାସ ନାମରେ ଜଣେ ହନୁମାନ ସାଧକ ପୁରୀରେ ରହୁଥିଲେ। ସେ ଏ ଖବର ପାଇ ଆସି ସମସ୍ତଙ୍କୁ କହିଲେ, ‘ତୁମ୍ଭେମାନେ ସମସ୍ତେ ହନୁମାନଙ୍କୁ ପ୍ରାର୍ଥନା କର। ସେ ହେଉଛନ୍ତି ଶ୍ରୀମନ୍ଦିରର ରକ୍ଷକ। ସେ ନିଶ୍ଚୟ ଏହାର ପ୍ରତିକାର କରିବେ।’ ତାଙ୍କ କଥାନୁସାରେ ସମସ୍ତେ ମିଳି ମିଶି ହନୁମାନଙ୍କୁ ପ୍ରାର୍ଥନା କଲେ। ହନୁମାନଙ୍କ ପାଖରେ ଅଖଣ୍ଡ ଦୀପ ଜାଳିଲେ। ଦିନେ ଦେଖାଗଲା ହଠାତ ଏକ ବିଶାଳକାୟ ଭୟଙ୍କର ରୂପଧାରୀ ବିରାଟ ହନୁମାନ କୁଆଡୁ ଆସି ଶୂନେ ଶୂନେ ଯାଇ ମନ୍ଦିରର ଦଧିନଉତି ଉପରେ ବସି ହାତରେ ଭିଡ଼ି ନୀଳଚକ୍ରକୁ ସିଧା କରିଦେଲା। ତାପରେ ସେ ଗୋଟିଏ ବିରାଟ ଗର୍ଜନ କରି ପୁଣି କେଉଁଆଡ଼େ ଚାଲିଗଲା, କେହି ଦେଖି ପାରିଲେ ନାହିଁ। ଏହି ଘଟଣା ପରେ ସମସ୍ତେ ମହାତ୍ମା ସନ୍ଥ ଦାସଙ୍କର ବହୁତ ପ୍ରଶଂସା କଲେ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ମହାବୀର କେବଳ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱରେ ନଥାନ୍ତି। ସେ ମଧ୍ୟ ମନ୍ଦିରକୁ ବାହ୍ୟ ଉପଦ୍ରବରୁ ରକ୍ଷା କରନ୍ତି। ଏହା ବ୍ୟତୀତ ହନୁମାନ ମଧ୍ୟ ବିରାଟ ପୁରୁଷୋତ୍ତମ ଧାମର ରକ୍ଷକ। ପୁରୀର ପୂର୍ବ ଦିଗରେ ଚକ୍ରତୀର୍ଥ ପାଖରେ ଦରିଆ ବେଢ଼ି ହନୁମାନ ବିଦ୍ୟମାନ। କଥିତ ଅଛି ସମୁଦ୍ରର ଉତ୍ତାଳ ଜଳରାଶି ପୁରୀ ସହର ମଧ୍ୟରେ ପ୍ରବେଶ କରି ଜନବସତି ଓ ବାସିନ୍ଦାମାନଙ୍କର ବହୁତ କ୍ଷତି ସାଧନ କରୁଥିଲା। ବେଳେବେଳେ ତାଙ୍କର ସର୍ବସ୍ୱ ସମୁଦ୍ର ହରଣ କରି ନେଉଥିଲା। ଘର ଦୁଆର ଭାଙ୍ଗି ପକାଉଥିଲା। ତେଣୁ ସମୁଦ୍ରର ଅତ୍ୟାଚାରରେ ଅତିଷ୍ଠ ହୋଇ ସେମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଗୁହାରୀ କଲେ। ସେମାନଙ୍କର କରୁଣ ପ୍ରାର୍ଥନା ଶୁଣି ଜଗନ୍ନାଥ ହନୁମାନଙ୍କୁ ଏ ଦାୟିତ୍ୱ ଅର୍ପଣ କଲେ। ଜଗନ୍ନାଥଙ୍କ ଆଦେଶରେ ହନୁମାନ ଚକ୍ରତୀର୍ଥ କ୍ଷେତ୍ରରେ ଠିଆ ହୋଇ ରହିବାରୁ ସମୁଦ୍ର ଡରିଯାଇ ଆଉ ପୁରୀ ସହର ଭିତରକୁ ପ୍ରବେଶ କରେ ନାହିଁ। ବେଳେବେଳେ ହନୁମାନ ନିଜର ଇଷ୍ଟ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଚକ୍ରତୀର୍ଥ କ୍ଷେତ୍ର ଛାଡ଼ି ସିଂହଦ୍ୱାର ଆଡ଼କୁ ଆସିଲାବେଳେ ତାଙ୍କର ହନୁମାନଙ୍କର ଅନୁପସ୍ଥିତିର ସୁଯୋଗ ନେଇ ସମୁଦ୍ର ପୁଣି ବାଙ୍କି ମୁହାଣ ଦେଇ ସହର ଭିତରକୁ ମାଡ଼ି ଆସେ ଓ ଧନଜୀବନ କ୍ଷତି କରେ। ସେଉଠୁ ବାସିନ୍ଦାମାନେ ପୁଣି ଆସି ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ, ଏହି ପ୍ରାଦୁର୍ଭାବର ସ୍ଥାୟୀ ପ୍ରତିକାର କରିବା ପାଇଁ। ଭଗବାନ ତାଙ୍କର କରୁଣ ଆବେଦନରେ ତରଳି ଯାଇ କହିଲେ, ତୁମ୍ଭେମାନେ ମିଶି ହନୁମାନଙ୍କୁ ସେଇଠି ବାନ୍ଧି ପକାଅ। ଯେମିତି ସେ ଆଉ ସେଠାରୁ ପଳାଇ ଆସି ପାରିବେ ନାହିଁ। ତଦନୁସାରେ ବାସିନ୍ଦାମାନେ ହନୁମାନଙ୍କୁ ବେଢ଼ି ପକାଇ ସେହିଠାରେ ବାନ୍ଧି ପକାଇଲେ। ଅବଶ୍ୟ ଅତୁଳିତ ବଳଶାଳୀ ଭୂଧରାକାର ହନୁମାନଙ୍କ ପକ୍ଷରେ ଏହି ଶୃଙ୍ଖଳକୁ ଛିଣ୍ଡେଇ ଦେବା କଷ୍ଟସାଧ ନୁହେଁ। କିନ୍ତୁ ସେହି ଶୃଙ୍ଖଳରେ ରାମ ଓ ଜଗନ୍ନାଥଙ୍କ ନାମ ଲେଖା ଯାଇଥିବାରୁ ହନୁମାନ ସେ ଶୃଙ୍ଖଳକୁ ଛିନ୍ନ ନକରି ସେହିଠାରେ ଠିଆ ହୋଇ ରହିଲେ। ସେହି ଦିନଠାରୁ ସମୁଦ୍ର ଆଉ ତାର ସୀମା ଲଙ୍ଘନ କରି ସହର ମଧ୍ୟକୁ ପ୍ରବେଶ କରିପାରେ ନାହିଁ। ତେଣୁ ତାଙ୍କୁ ବେଢ଼ି ହନୁମାନ କହନ୍ତି।

ପୁରୁଷୋତ୍ତମ କ୍ଷେତ୍ରର ଉତ୍ତର ଦିଗରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପାଖରେ ସିଦ୍ଧ ମହାବୀର ବିଦ୍ୟମାନ। ଇନ୍ଦ୍ରନୀଳମଣି ପୁରାଣ ଅନୁସାରେ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଏହି କ୍ଷେତ୍ରକୁ ଦର୍ଶନ କରିବାକୁ ଆସିଥିଲେ ତାଙ୍କର ଶରୀର ରୋଗଗ୍ରସ୍ତ ହୋଇ କ୍ଷୀଣ ହୋଇଗଲା। ସେ ଏତେ ଦୁର୍ବଳ ହୋଇଗଲେ ଯେ ନିଜ ଜୀବନର ଆଶା ଛାଡ଼ିଦେଲେ। ଏହି ସମୟରେ ଏକ ଉଜ୍ଜ୍ୱଳ ପ୍ରକାଶ ତାଙ୍କ ସମ୍ମୁଖରେ ଦେଖାଗଲା। ସେଠାରେ ହନୁମାନ ଆବିର୍ଭାବ ହୋଇ କହିଲେ - ମୁଁ ଯୁଗେ ଯୁଗେ ଏହି କ୍ଷେତ୍ରକୁ ରକ୍ଷା କରୁ ଆସୁଛି। ତୁମେ ଏହି କ୍ଷେତ୍ରରେ ଏକ ହଜାର ହାତ ଉଚ୍ଚ ଗୋଟିଏ ମନ୍ଦିର ନିର୍ମାଣ କରି ସେଠାରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କର। ତାଙ୍କର ବାଣୀ ଶୁଣି ମହାରାଜ ସେଠାରେ ମନ୍ଦିର ନିର୍ମାଣ କଲେ। ଏହି ସିଦ୍ଧ ମହାବୀର ଭାରି ପ୍ରତ୍ୟକ୍ଷ ଓ ଏହା ଗୋଟିଏ ସିଦ୍ଧପୀଠ।

ପୁରୀର ଚନ୍ଦନପୁର ଠାରୁ ପ୍ରାୟ ୧୦ ମାଇଲ ଦୂରରେ ସିରୁଳୀ ମହାବୀର ବିରାଜମାନ କରିଛନ୍ତି। ଏହି ମହାବୀର ସ୍ୱୟଂଭୂ ଓ ମାଟିକୁ ବିଦୀର୍ଣ୍ଣ କରି ବାହାରିଛନ୍ତି ବୋଲି ପ୍ରବାଦ ଅଛି। ତାଙ୍କର ଉଚ୍ଚତା ପ୍ରାୟ ୧୦ଫୁଟ। ସେ ଗୋଟିଏ ଅସୁରକୁ ମାଡ଼ି ବସିଛନ୍ତି। ଏହି ମନ୍ଦିରର ବୈଶିଷ୍ଟ୍ୟ ହେଉଛି ମନ୍ଦିରସ୍ଥ ଗୋଟିଏ କଣା (ଝରକା ପରି) ଦେଇ ହନୁମାନ ଶ୍ରୀମନ୍ଦିର ନୀଳଚକ୍ରକୁ ଗୋଟିଏ ଆଖିରେ ବରାବର ଦୃଷ୍ଟି ରଖିଥାନ୍ତି। ହନୁମାନ ତାଙ୍କର ଆଗ ଆଖିରେ ଦକ୍ଷିଣ ଦିଗରେ ଥିବା ଲଙ୍କା ଉପରେ ଦୃଷ୍ଟି ନିବଦ୍ଧ କରିଥାନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି, ହନୁମାନ ସେଇଠି ଠିଆ ହୋଇ ମନ୍ଦିରଙ୍କୁ ଅସୁରମାନଙ୍କର ବର୍ହି ଆକ୍ରମଣରୁ ରକ୍ଷା କରନ୍ତି ଓ ତା ସଙ୍ଗେ ସଙ୍ଗେ ମଧ୍ୟ ଶ୍ରୀମନ୍ଦିରକୁ ଆଭ୍ୟନ୍ତରୀଣ ବିପଦ ଆପଦରୁ ରକ୍ଷା କରନ୍ତି। ଏହିସବୁ ଘଟଣାବଳୀରୁ ସ୍ପଷ୍ଟ ପ୍ରମାଣ ମିଳେ ନୀଳାଦ୍ରିବିହାରୀ ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସ୍ୱୟଂ ଭଗବାନ ରାମଚନ୍ଦ୍ର। ସେଥିପାଇଁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହନୁମାନ ତାଙ୍କର ଇଷ୍ଟର ରକ୍ଷଣା ବେକ୍ଷଣ କରିବା ପାଇଁ କେବଳ ଶ୍ରୀମନ୍ଦିର ଚାରିପାଖରେ ନୁହେଁ, ବରଂ ସମଗ୍ର ପୁରୁଷୋତ୍ତମ କ୍ଷେତ୍ରକୁ ଚତୁର୍ଦ୍ଦିଗରୁ ସତର୍କ ପ୍ରହରୀ ରୂପରେ ଦିବରାତି ସେବା କରିଆସୁଛନ୍ତି। ମହାତ୍ମାମାନେ କହନ୍ତି ସେବକ ଧର୍ମ ବଡ଼ କଠୋର। କିନ୍ତୁ ହନୁମାନଙ୍କ ଭଳି ନିଷ୍ଠାବାନ ଐକାନ୍ତିକ ଭକ୍ତ ହିଁ ଏହି ଦୁଷ୍କର କଠିନ ତଥା କଠୋର ବ୍ରତକୁ ଯୁଗ ଯୁଗ ଧରି ଅକୁଣ୍ଠ ଚିତ୍ତରେ ନିଃସଙ୍କୋଚ ଭାବରେ ଆନନ୍ଦ ମନରେ ସମ୍ପାଦନ କରୁଛନ୍ତି। କାରଣ ଇଷ୍ଟ ସେବା ହିଁ ଭକ୍ତର ଜୀବନରେ ପରମ ତଥା ଏକମାତ୍ର ବ୍ରତ।


ଶିଖରପୁର ଉପରସାହି, କଟକ

ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


## ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧ ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା ‘ନିଟ୍’ ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା’ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।


ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର


## ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲ॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, ‘ବହୁଜନ ହିତାୟ ବହୁଜନ ସୁଖାୟ’କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି। ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା’ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି ‘ସତ୍ୟଂ ବଦ, ଧର୍ମଂ ଚର।’ ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

# କାୟା ମେଲାଉଛି ମ୍ୟାଲେରିଆ, ୧୮୧ ଆକ୍ରାନ୍ତ ଚିହ୍ନଟ

**ନୟାଗଡ,(ମହାଭାରତ) :** ନୟାଗଡ଼ ଜିଲ୍ଲାରେ ଧୀରେ ଧୀରେ ମ୍ୟାଲେରିଆ ରୋଗ କାୟା ମେଲାଇବାରେ ଲାଗିଛି। ଜିଲ୍ଲାରେ ଚଳିତ ବର୍ଷ ମେ ମାସ ସୁଦ୍ଧା ୧୮୧ ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହି ସଂଖ୍ୟାକୁ ଆଗକୁ ଆହୁରି ବଢ଼ିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ସେଥିପାଇଁ ଏଥିରେ ଯେପରି ରୋକ୍ ଲଗାଯାଇ ପାରିବ, ଏ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି। ବିଶେଷ କରି ନୟାଗଡ଼ରେ ଥିବା ଆବାସିକ କଲେଜ ଓ ସ୍କୁଲ ଗୁଡ଼ିକରେ ଅଧିକ ଆକ୍ରାନ୍ତ ବାହାରୁଥିବା ଦେଖାଯାଉଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସ୍କୁଲ ଓ କଲେଜରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି। ଆକ୍ରାନ୍ତ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକ ଔଷଧ ସହ ଅନ୍ୟ ପିଲା ମାନଙ୍କ ସଂସ୍ପର୍ଶରେ ନ ଆସିବା ପାଇଁ ପରାମର୍ଶ ଦିଆଯାଉଛି। ମିଳିଥିବା ସୂଚନା ମୁତାବକ, ଗତବର୍ଷ ମୋଟ୍ ଜିଲ୍ଲାରେ ୬୧୨ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ଜାନୁଆରିରୁ ମେ ମାସ ସୁଦ୍ଧା ୧୮୧ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଯେହେତୁ ନୟାଗଡ଼ ଏକ ବଣ ପାହାଡ଼ ଘେରା ଅଞ୍ଚଳ ଓ ବର୍ତ୍ତମାନ ବର୍ଷା ଋତୁ ଚାଲିଛି, ସେଥିପାଇଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି। ବର୍ତ୍ତମାନ ପଡ଼ୋଶୀ ଜିଲ୍ଲା ଗଞ୍ଜାମ, ଗଜପତି ଓ ଅନ୍ୟ ଅଞ୍ଚଳରୁ ଅଧିକାଂଶ ଛାତ୍ରଛାତ୍ରୀ ଏଠାରେ ଥିବା ଆବାସିକ କଲେଜ ଓ ସ୍କୁଲରେ ପାଠ ପଢୁଛନ୍ତି। ସେମାନେ ସେପଟୁ ପଜିଟିଭ୍ ହୋଇ ଆସୁଥିବା ବେଳେ ଏଠାରେ ଅନ୍ୟ ମାନଙ୍କୁ ସଂକ୍ରମିତ କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଜିଲ୍ଲାରେ ଥିବା ୩୨ଟି ସ୍କୁଲ ଓ କଲେଜରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରୁଛନ୍ତି। ଦଶପଲ୍ଲା ବ୍ଲକ୍ ଅଧୀନ ବାଣିଗୋଛା ପଟେ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେବଳ ଯେ ଲକ୍ଷଣ ଦେଖାଯାଉଥିବା ରୋଗୀ ମାନଙ୍କ ଠାରେ ମ୍ୟାଲେରିଆ ଭୂତାଣୁ ଚିହ୍ନଟ ହେଉଛି, ତାହା ନୁହେଁ ଗୋଟିଏ ସ୍କୁଲର ୧୯ ଜଣ ଛାତ୍ରଛାତ୍ରୀଙ୍କର ଆଦୌ କୌଣସି ଲକ୍ଷଣ ନଥିଲା, ମାତ୍ର ସମସ୍ତେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଣୁ ଛାତ୍ରାବାସରେ ରହୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଯେଉଁମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନଙ୍କୁ ଔଷଧ ଦିଆଯାଇ ମଶାରୀ ଟାଙ୍ଗି ଶୋଇବା ପାଇଁ ପରାମର୍ଶ ଦିଆଯାଉଛି। ଔଷଧ ଖାଇଲେ ଏହି ରୋଗର ଶକ୍ତି କମିଯାଏ ଓ ଏହା ଅନ୍ୟକୁ ସଂକ୍ରମିତ କରିପାରେ ନାହିଁ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ବିଭାଗ ଦାୟିତ୍ୱରେ ଥିବା ଡାକ୍ତର ବନମାଳି ପ୍ରଧାନଙ୍କ ସୂଚନା ମୁତାବକ, ସ୍ୱାସ୍ଥ୍ୟ ବିଭାଗ ଗାଁରେ ପହଞ୍ଚି ଲୋକ ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରୁଛନ୍ତି। ଗାଁ କମିଟି ସଭାପତିଙ୍କ ମାଧ୍ୟମରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଉଛି। ଗାଁରେ ଥିବା ବଣବୁଦା ସଫା କରାଯିବା ସହ ମଶାଙ୍କ ବଂଶବୃଦ୍ଧି ରୋକିବା ଦିଗରେ ସମସ୍ତ ପଦକ୍ଷେପ ନିଆଯାଉଛି। ଏଣୁ ଲୋକମାନେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ସହଯୋଗ କରି ଏହି ରୋଗ ପ୍ରତି ସଚେତନ ହେଲେ, ମ୍ୟାଲେରିଆକୁ ରୋକି ହେବ ବୋଲି ଡାକ୍ତର ଶ୍ରୀ ପ୍ରଧାନ କହିଛନ୍ତି।



# ନିଆରା ପରମ୍ପରା ବଡ଼ ଏକାଦଶୀରେ ବାହୁଡ଼ା ଯାତ୍ରା

**ବାଲିପାଟଣା,(ମହାଭାରତ) :** ବାଲିପାଟଣା ବ୍ଲକ ଅନ୍ତର୍ଗତ ପାମ୍ପାଲୋ ପଞ୍ଚାୟତ ର ଗୋବିନ୍ଦପୁର ଗ୍ରାମରେ ଏକ ନିଆରା ଜଗନ୍ନାଥ ଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ । ଗୁଣ୍ଡିଚା ଦିନ ବଡ଼ଠାକୁର ମାଉସୀ ମା ଘରକୁ ଯାଉଥିଲେ ବି ବଡ଼ ଏକାଦଶୀ ଦିନ ଶ୍ରୀ ମନ୍ଦିରକୁ ଫେରିଥାନ୍ତି ।ଆଜି ବଡ଼ ଏକାଦଶୀ ଅବସରରେ ଧୁମ୍ ଧାମ ରେ ପହଣ୍ଡି ବିଜେ ପରେ ଛେରାପହଁରା କରି ବାଜା ବଣ ଓ ସଙ୍କୀର୍ତ୍ତନ କରି ସହ ସହ ଲୋକ ରଥ କୁ ଟାଣିଥିଲେ। ।ଦୀର୍ଘ ୭୦ ବର୍ଷ ର ପରମ୍ପରା ଏହି ଗ୍ରାମରେ ପାଳିତ ହୋଇ ଆସୁଛି। ଏକଦା ଶଗଡ଼ ରେ ରଥ



ଯାତ୍ରା ହେଉଥିଲା । ଏବେ ଗ୍ରାମର ଯୁବକ ଆଉ ସମସ୍ତ ଗ୍ରାମବାସୀ ମାନଙ୍କ ସହଯୋଗ କରି ଏହି ପରମ୍ପରା କୁ ବଜାୟ ରଖିଛନ୍ତି। ନିକଟ ଗ୍ରାମ ମାନକରେ ନୂଆ କରି ରଥ ଆରମ୍ଭ ହୋଇ ବନ୍ଦ ହୋଇ ଯାଉଥିବା ସ୍ଥଳେ ଗୋବିନ୍ଦପୁର ବାସି ଏହି ପରମ୍ପରା ଦୀର୍ଘ ୭୦ ବର୍ଷ ରୁ ଅଧିକ ସମୟ ହେଲା କରି ଆସୁଛନ୍ତି । ରଥ ପହଞ୍ଚିଲା ପରେ ସୁନା ବେଶ ଅନୁଷ୍ଠିତ ହେବ ସଙ୍ଗେ ସଙ୍ଗେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଶେଷରେ ଗ୍ରାମର ଯୁବକ ସଂଘ ର ସଦସ୍ୟ ବିଷ୍ଣୁ ପ୍ରସାଦ ସ୍ୱାଇଁ, ଗିରିଶ ପ୍ରଧାନ,ସୁନନ୍ଦ୍ ବେହେରା, ରାଜା, ସ୍ମୃତି ରଞ୍ଜନ ସ୍ୱାଇଁ, ହରିଶ ପ୍ରଧାନ,ଦୀପକ ପ୍ରଧାନ ଓ ଅନ୍ୟାନ୍ୟ ଯୁବକ ମାନଙ୍କ ଦ୍ୱାରା ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇ ଥିଲା।

# ଆଦର୍ଶ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବନମହୋତ୍ସବ ପାଳନ



**ବାଲିଅନ୍ତା,(ମହାଭାରତ) :** ଆଦର୍ଶ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ୭୫ ତମ ବନମହୋତ୍ସବ ବୁଧବାରେ ସକାଳ ୯ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଚି !ପବିତ୍ର ସୁନାବେଶ ଅବସରରେ ଆଦର୍ଶ ବରିଷ୍ଠ ନାଗରିକ ପରିଷଦ ତରଫରୁ ଶିଶିଲୋ ସାନ ପୋଖରୀ ହୁଡାରେ ୭୫ ତମ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଦର୍ଶ ବରିଷ୍ଠ ନାଗରିକ ପରିଷଦର ସଭାପତି ନବକିଶୋର ସ୍ୱାଇଁ, ସମାଜସେବୀ ମାଗୁଣି ସେଠୀ,ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରମୋଦ କୁମାର ଭୋଇ,ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ,ବିଜୟ କୁମାର ଭୋଇ, ଉମାଦେଇବ୍ରହ୍ମପୁର ପଞ୍ଚାୟତ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ସ୍ଥାନୀୟ ସମିତି ସଭ୍ୟା ଶ୍ରୀମତୀ ମମତା ମାହାରୀ ସମେତ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଟକମା, ଲିମ୍ବ, ଅର୍ଜୁନ, କରଞ୍ଜ, ବଉଳ ଆଦି ପ୍ରକାରର ବୃକ୍ଷ ରୋପଣ କରିଥିଲେ । ପରିବେଶ ସୁରକ୍ଷା ଦିଗରେ ବୟସର ଅପରାହ୍ନରେ ପଦାର୍ପଣ କରି ମଧ୍ୟ ଜୀବଜଗତ ପାଇଁ ବୃକ୍ଷର ଆବଶ୍ୟକତା ନେଇ ବରିଷ୍ଠ ନାଗରିକ ମାନଙ୍କ ଏହି ପ୍ରୟାସ ନିଶ୍ଚିତ ଭାବେ ଆଗାମୀ ପିଢ଼ି ପାଇଁ ଅନୁକରଣୀୟ ହେବ ବୋଲି ଉପସ୍ଥିତ ଜନ ସାଧାରଣ ଆଲୋଚନା କରିଥିଲେ।

# ରୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଆ ପୁଅ ଆୟୁଷ ଜିତିଲେ ସ୍ୱର୍ଣ୍ଣପଦକ



**କଳିଙ୍ଗନଗର,(ମହାଭାରତ) :** ଇଚ୍ଛାଶକ୍ତି ବଳରେ ଆଗକୁ ମାଡ଼ି ଚାଲିଛନ୍ତି। ଓଡ଼ିଶାରୁ ଏକମାତ୍ର ଖେଳାଳୀ ଭାବେ ପଞ୍ଜାବରେ ଆୟୋଜିତ ୭ମ ରୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଆ ପୁଅ ସଫଳତା ହାସଲ କରିଛନ୍ତି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ନିମପାଲି ଗ୍ରାମର ନିହାର ରଂଜନ ବଳଙ୍କ ପୁଅ ପୁଅ ଆୟୁଷ ବଳ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତି ନିଜ ଗାଁ ମାଟି ସହ ସମଗ୍ର ଓଡ଼ିଶାର ସୁନାମ ବଢ଼ାଇଛନ୍ତି। ଆୟୁଷ ମାନତିରା କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପାଠପଢୁ ଛନ୍ତି। ପିଲାଟି ଦିନରୁ ଖେଳ ପ୍ରତି ଆୟୁଷ ରୁଚି ରଖିଥିଲେ । ସେ ଏହି ଖେଳକୁ ପାଥେୟ କରି ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ନିକଟରେ ପଞ୍ଜାବରେ ଅନୁଷ୍ଠିତ ହେବାକୁ ଥିବା ଏହି ଖେଳ ପାଇଁ ସେ ଓଡ଼ିଶାରୁ ଏକମାତ୍ର ଖେଳାଳୀ ଭାବେ ଚୟନ ହୋଇଥିଲେ। ଏହି ଖବର ପ୍ରଚାର ହେବାରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ମା କଙ୍କଣଦେବୀଙ୍କ ମେଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଆସିକା,(ମହାଭାରତ) :** ଗଞ୍ଜାମର ପ୍ରସିଦ୍ଧ ଦେବୀ ପୀଠ ଭେଟନଇ ଗ୍ରାମ ନିକଟସ୍ଥ ମାଁ କଙ୍କଣଦେବୀଙ୍କ ମନ୍ଦିରରେ, ବୁଗୁଡ଼ା ସନ୍ନିକଟ ବି.କରଡାବାଡ଼ି ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ୧୯୮୬ ମସିହା ଦଶମ ଶ୍ରେଣୀ ସହପାଠୀଙ୍କର ପ୍ରଥମଥର ପାଇଁ ଏକ ପାରିବାରିକ ଓ ସାମାଜିକ ବନ୍ଧୁମିଳନର କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଯାଇଛି। ଏହିପରି ସାମାଜିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଲବ୍ଧି କରିବା ସହିତ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କିପରି ସୁଦୃଢ଼ ହୋଇପାରିବ, ସେଥି ପ୍ରତି ସମସ୍ତେ ସଙ୍କଳ୍ପ ନେଇଥିଲେ। ପ୍ରତ୍ୟେକ ପରିବାର ନିଜର ସନ୍ତାନ ସନ୍ତତିଙ୍କୁ ଧରି ଏଠାରେ ଏକତ୍ରିତ ହୋଇଥିଲେ। ଦେବୀ ପୀଠରେ ୧୯୮୬ ମସିହା ଦଶମ ଶ୍ରେଣୀର ପ୍ରାୟ ୩୦ ପରିବାରର ସମସ୍ତ ପରିବାର ବର୍ଗ ଏକତ୍ରିକରଣର ଦୃଶ୍ୟ ସମସ୍ତଙ୍କୁ ଭାବପ୍ରବଣ କରିଥିଲା। ବନ୍ଧୁ ମିଳନର ସମସ୍ତ ସଦସ୍ୟ ଅନେକ ବର୍ତ୍ତମାନର ଏବଂ ଦିବଙ୍ଗତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପଠନୀୟ ଏବଂ ନୈତିକ ପ୍ରେରଣାରେ କିପରି ଜଣେ ଜଣେ ଭାରତର ସୁନାଗରିକ ହେବା ସହ ସମାଜର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହାସଲ କରିପାରିଛନ୍ତି ତାହାର ଅନୁମେୟ କରିଥିଲେ। ସେହି ଛାତ୍ରଛାତ୍ରୀ ବୟସର ଅଭୁଲା ସ୍ମୃତିକୁ ସଭିଏଁ ସାଉଁଟି ନେଇଥିଲେ ଏବଂ ଦେବୀମାଁଙ୍କ ଅପାର କୃପା ଲାଭ କରିଥିଲେ। ଦେବୀ ପୀଠର ପ୍ରାକୃତିକ ରମ୍ୟରାଜୀରେ ସମସ୍ତେ କିଛି ସମୟ ନିଜକୁ ହଜାଇ ଦେଇଥିଲେ ଏବଂ ଦେବୀମାଁଙ୍କ ଅପାର କରୁଣା ଓ ଆଶୀର୍ବାଦ ଗ୍ରହଣ କରିଥିଲେ। ସେହି ପୀଠ ଆଧାତ୍ମିକ ପରିବେଶରେ ନିଜର ଦୈନିକ ଲୌକିକ ଜୀବନକୁ ଭୁଲି ଯାଇଥିଲେ। ବନ୍ଧୁ ମିଳନ ପାରିବାରିକ ଏବଂ ସାମାଜିକ ସଦ୍ଭାବନାର ସମ୍ମୁଚିତ ମାର୍ଗ ବୋଲି ସମସ୍ତ ସଦସ୍ୟ ଯୁକ୍ତି ବାଢ଼ିଥିଲେ। ଏହି ସାମାଜିକ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବି.କରଡ଼ାବାଡ଼ୀ ଗ୍ରାମର ସମାଜସେବୀ ଦିଲ୍ଲିପ କୁମାର ପାଣିଗ୍ରାହୀ ସଂଯୋଜନା



କରିଥିବା ବେଳେ ଭେଟନଇ ଗ୍ରାମର ଯୋଗିନ୍ଦ୍ର ନାୟକ, ଶିବାଜୀ ଦୋରା, ବସନ୍ତ ସାହୁ ଏବଂ ବଡ଼ଖୋଲି ଗ୍ରାମର ଅଜୟ ପାଢ଼ୀ ସଞ୍ଚାଳନ କରିଥିଲେ ଏବଂ ଅନ୍ୟ ସମସ୍ତେ ତନ ମନ ଧନ ଏବଂ କାୟବାକ୍ୟରେ ଆଗାମୀ ଭବିଷ୍ୟତରେ କିପରି ସୁଦୃଢ଼ ହୋଇପାରିବ ସେଥିପ୍ରତି ଦୃଢ଼ ସଙ୍କଳ୍ପ ନେଇଥିଲେ।

# ମନରେଗା କାମରେ ବ୍ୟାପକ ଦୁର୍ନୀତ ଅଭିଯୋଗ

**ଜୁନାଗଡ଼,(ମହାଭାରତ) :** ଜୁନାଗଡ଼ ବ୍ଲକ୍‌ରେ ମନରେଗା କାମରେ ବ୍ୟାପକ ଦୁର୍ନୀତି ହୋଇଛି। ଅଭିଯୋଗ ପରେ ବ୍ଲକ୍ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଏହି ଯୋଜନାରେ ହେଉଥିବା କାମରେ ସରପଞ୍ଚ, ପିଇଓ ଓ ଜିଆ ?ଏସ୍ ଠିକାଦାର ସାଜି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏହି ଯୋଜନା ସମୁଦାୟ ଶ୍ରମିକ ଭିତ୍ତିକ କାର୍ଯ୍ୟ କରୁଥିଲା । ତେବେ ଯେଉଁଦିନଠାରୁ ୪୦ ପ୍ରତିଶତ ସାମଗ୍ରୀ ଯୋଗାଣରେ ବିଲ ହେଲା ସେହିଦିନଠାରୁ ଏହି ଦୁର୍ନୀତି ବଢ଼ିବାରେ ଲାଗିଛି। ସାମଗ୍ରୀ ଉପାଦାନ ଏଠି ସାମିଲ କଲେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହେବ ବୋଲି ସରକାର ଭାବିଥିଲେ । ସେଥିପାଇଁ ନିୟମରେ ପରିବର୍ତ୍ତନ କରି ୨୬୬ ପ୍ରକାର ସାମିଲ କଲେ। ହେଲେ ଅଧିକାଂଶ କାର୍ଯ୍ୟରେ ଦୁର୍ନୀତି ହେଉଛି ଅଧିକାଂଶ କାର୍ଯ୍ୟର ନଥିପତ୍ର ଠିକ ନାହିଁ। କେଉଁଠି ବିନା ଅନୁମୋଦନରେ ଟଙ୍କା ଉଠିଛି ତ ଆଉ କେଉଁଠି ବ୍ଲକ୍ କର୍ତ୍ତୃପକ୍ଷଙ୍କ ପାଖରେ ଖବର ନାହିଁ। ଯାହା ବର୍ତ୍ତମାନ ଏହି ଯୋଜନାରେ ଉଜାଗର ହୋଇଥିବା ଦୁର୍ନୀତିରୁ ଜଣା ପଡୁଛି। ସବୁଠୁ ବେଶୀ ଭେଣ୍ଡର ବିଲ୍ ପଇଠରେ ଦୁର୍ନୀତି ହୋଇଛି। ପ୍ରକୃତରେ ଯେଉଁ ଭେଣ୍ଡର ରେଜିଷ୍ଟ୍ରିଭୁକ୍ତ ହୋଇଛି, ସେ ଜିଏସ୍‌ଟି ଦେଉଛି କି ନାହିଁ ତାହା ବି ସନ୍ଦେହ ସୃଷ୍ଟି ହୋଇଛି। ଏହି ଭେଣ୍ଡରମାନଙ୍କ ନାଁରେ କୋଟି କୋଟି ଟଙ୍କା ପଇଠ ହୋଇଛି। ହେଲେ ସେମାନଙ୍କର ନା' ଅଛି ଦୋକାନ ନା' ଅଛି ନିଜର କାର୍ଯ୍ୟାଳୟ ସବୁଠୁ ଆଶ୍ଚର୍ଯ୍ୟ କଥା ।ଯେଉଁ ଭେଣ୍ଡର ପାଣି ଟାଙ୍କି ଯୋଗାଣ କରୁଛି, ସେ ସିମେଣ୍ଟ, ବାଲି, ଜେସିବି, ଟ୍ରାକ୍ଟର, ମେଟାଲ, ଇଟା ଆଦି ସବୁ ଯୋଗାଣ କରୁଛି। ପ୍ରକୃତରେ ଏହି ଭେଣ୍ଡରମାନେ ଏତେ ସାମଗ୍ରୀ କେମିତି ଯୋଗାଣ କଲେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବିନା ସାମଗ୍ରୀ ଯୋଗାଣରେ ବି ବିଲ ହୋଇ ଭେଣ୍ଡରମାନଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିଛା ଯାହା ଭିଜିଲାନ୍ସ ତଦନ୍ତ ସାପେକ୍ଷ । ଏହାର ସମ୍ପୂର୍ଣ୍ଣ ତଦନ୍ତ ନ ହେବା ଯାଏଁ ଏହି ଦୁର୍ନୀତି ଗୋଲକ ଧନ୍ଦାର ମୁଖା ଖୋଲିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବାବା ସାହେବଙ୍କ ପ୍ରତିମୂର୍ତ୍ତିର୍ ପ୍ରତିଷ୍ଠା ଦିବସ ପାଳିତ



**ଜୁନାଗଡ଼,(ମହାଭାରତ) :** ଜୁନାଗଡ ସହରର ନୂଆ ବସ୍ ଷ୍ଟାଣ୍ଡରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଗତ ବର୍ଷ ଜୁଲାଇ ୧୭ ତାରିଖରେ ଜୁନାଗଡ ବହୁଜନ ସଂଗ୍ରାମ ସମିତି ସଭାପତି ରଂଜନକୁମାର ଜାଲ ଓ ସମସ୍ତ ସଦସ୍ୟଙ୍କ ଉଦ୍ୟମରେ ନୂଆ ବସ୍ ଷ୍ଟାଣ୍ଡ ଠାରେ ବାବା ସାହେବ ଡାଃ ବିଆର୍ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହାକୁ ଏକ ବର୍ଷ ପୂର୍ଣ୍ଣ ହୋଇଥିବା ବେଳେ ସଂଗ୍ରାମ ସମିତି ପକ୍ଷରୁ ବାବା ସାହେବଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ଏହି ଅବସରରେ ସଂଗ୍ରାମ ସମିତି ର ସଦସ୍ୟ ସମୁହ ବାବା ସାହେବ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏଥିସହ ବାବା ସାହେବଙ୍କ ର ସ୍ମୃତି ଚାରଣ ସହ ତାଙ୍କ ଆଦର୍ଶ ସହ ଭାରତୀୟ ସମ୍ବିଧାନକୁ ଆଧାର କରି ସାମାଜ କୁ ଉତ୍ଥାନ କରିବା ପାଇଁ ସମସ୍ତଙ୍କୁ ନିବେଦନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନ ର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି, କୋଷାଧକ୍ଷ ପୁର୍ନେନ୍ଦୁ ମାଝୀ, ସମ୍ପାଦକ ସୁଶାନ୍ତ ନାଏକ, ଉପଦେଷ୍ଟା ଶିବ ମହାନନ୍ଦ, ବରିଷ୍ଟ ସଦସ୍ୟ ରତନ ଧାଙ୍ଗଡାମାଝି, ଗୌରାଙ୍ଗ ମାଝୀ, ଅଞ୍ଜନ କ୍ଷିତି, ରବି ଶଙ୍କର ସୁନାନୀ, ବିକ୍ରକ୍ଷନ୍ତ କୁମାର, ଘାସିରାମ କ୍ଷିତି, ଜଗନ୍ନାଥ ବାଗ, ମୁକୁନ୍ଦ ବେଶ୍ରକ୍ଷ, ବବୃ ବିହାରୀ ଏବଂସହରର ଜନସାଧାରଣ ଉପସ୍ଥିତ ରହିଥିଲେ ।

# ଆରମ୍ଭ ହେବ ଖରିଫ ଧାନକ୍ରୟ ନିମନ୍ତେ ଚାଷୀ ପଞ୍ଜିକରଣ

**ବିଷମ କଟକ,(ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ସମବାୟ ସମିତି ପକ୍ଷରୁ ୨୦୨୪-୨୫ ଖରିଫ ଧାନ କ୍ରୟ ନିମନ୍ତେ ଚାଷୀ ପଞ୍ଜିକରଣ ଆରମ୍ଭ ହେବାକୁ ଯାଇଛି। ଏହି ଚାଷୀ ପଞ୍ଜିକରଣ ୧୮ ଜୁଲାଇରୁ ଆରମ୍ଭ ହୋଇ ୨୨ ଅଗଷ୍ଟ ମଧ୍ୟରେ ବିଷମକଟକ ସମବାୟ ସମିତିରେ ଚାଷୀ ଆବେଦନ କରିପାରିବେ। ଚାଷୀ ପଞ୍ଜିକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ଯଥା ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠା ଓ ଅପ ଡେଟ ହୋଇଥିବା ଶେଷ ପୃଷ୍ଠାର ନକଲ ଆଧାର କାର୍ଡର ନକଲ, ଜମି ପଟ୍ଟାର ବିବରଣୀ,ଜମି ମାଲିକ ସହ ସମ୍ପର୍କ ଦର୍ଶାଇବା ପାଇଁ ଆଧାର କାର୍ଡ ର ନକଲ ,ଜମି ବନ୍ଧକ ସିସ୍ଥ,ମୋବାଇଲ ନମ୍ବର ଆବଶ୍ୟକ ?ତା ରହିଛି । ଯଦି ଭାଗଚାଷୀ ହୋଇଥିବେ ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଜମି ମାଲିକଙ୍କ ଆଧାର କାର୍ଡ ର ନକଲ ଓ ଜମି ମାଲିକଙ୍କ ମୋବାଇଲ ନମ୍ବର ଆବଶ୍ୟକ ରହିଛି । ଚଳିତ ବର୍ଷ ଖରିପ୍ ଚାଷ ନିମନ୍ତେ ଚାଷୀ ରେନୁବଲ ବ୍ୟବସ୍ଥା ନ ଥିବା ସମସ୍ତ ଚାଷୀ ନୂତନ ଭାବେ ପଞ୍ଜିକୃତ କରିବେ ବୋଲି ବିଷମ କଟକ ସମବାୟ ସମିତିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୁନୁ ସାହୁ ସୂଚନା ଦେଇଛନ୍ତି ।

# ନିର୍ମାଣ ନସରୁଣୁ ଉଠିଗଲାଣି ପିଚୁ

## ୯ମାସ ପୂର୍ବରୁ କଣ୍ଟ ପୂରିଲାଣି / ତଥାପି ସରିଲାନି କାମ / ତେଜୁଛି ଅସନ୍ତୋଷ

**ବେଗୁନିଆ,(ମହାଭାରତ) :** ନିର୍ମାଣ ନସରୁଣୁ ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନ ସିମୋର-ବାଙ୍କୀ ରାସ୍ତାରୁ ଉଠିଗଲାଣି ପୁଳାପୁଳା ପିଚୁ ରାସ୍ତାରେ ଖାଲ ସୃଷ୍ଟି ହୋଇ ଗାଡ଼ି ଚାଳକଙ୍କ ପାଇଁ ବିପଦ ସାଜିଲାଣି। ସେପଟେ ଅବଧିର ୯ ମାସ ପରେ ମଧ୍ୟ କାମ ସରିନାହିଁ। ନିମ୍ନମାନର କାମ ଯୋଗୁଁ ଏଭଳି ଅବସ୍ଥା ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି ।ସରକାର ରାସ୍ତା ନିର୍ମାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ କାମ ଠିକ ଭାବରେ ହେଉନାହିଁ। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ପୁରୁଣା ରାସ୍ତାକୁ ଖୋଳି ଡ଼ବ୍ଲୁଏମ ପକାଇ ତା ଉପରେ କେବଳ ପତଳା ପିଚୁ ଲେୟାର ପକା ଯାଇଥିବା ଏବଂ କମ ସିମେଣ୍ଟ ଅଧିକ ପରିମାଣ ଗୋଡି, ବାଲି ଭଗମାପ ଠାରୁ ଅଧିକ ଦେଇ ଢଳାଇ ପକା ଯାଇଥିବା ଅଭିଯୋଗ ହେଉଛି। ପାଖପାଖି ୧୧କୋଟି ୭୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ ସିଂହଭାଗ ତୋଷାରପାତ କରା ?ଯାଇଥିବା ଅଭିଯୋଗ ହେଉଛି। ସିମୋର ଠାରୁ ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ଆରମ୍ଭ ସିମୋର ବଜାର, ସୂଚନା ଫଳକ ଲାଗିଥିବା ସ୍ଥାନ, ଗଁପୁର ବଜାର, କୋଟପଲ୍ଲୀ ବଜାର ଆଦି ଢ଼ଳେଇ ହୋଇଥିବା ସ୍ଥାନଗୁଡିକ ଫାଟି ଆଁ କରିଛି ଅଭିଯୋଗ ପରେ ଫାଟରେ ସିମେଣ୍ଟ ରସ ଦିଆଯାଇ ତାଳି ପକାଯାଇଥିଲା। ମାତ୍ର ତାଳିପକା କାମ ରହିଲା ନାହିଁ ତାହା ପୁଣି ପୂର୍ବ ଅବସ୍ଥାକୁ ଫେରିଆସିଛି । ଗଁପୁର ଶଙ୍ଖ, ପୋଡାଡିହ ଶଙ୍ଖ, ପୋଡାଡ଼ିହ ବଜାର ଆଦି ସ୍ଥାନରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଗଲାଣି ୨୦୨୩ ସେପଟ୍ମେର ସୁଦ୍ଧା ସିମୋର -ବାଙ୍କୀ ରାସ୍ତାର ଉନ୍ନତୀକରଣ କାମ ଶେଷ ହେବାକୁ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଇତିମଧ୍ୟରେ ଅବଧି ଶେଷର ୯ମାସ ବିତିଯାଇଥିଲେ ହେଁ ଭୋଗଡା ଠାରୁ ତୁଳସୀପୁର ପର୍ଯ୍ୟନ୍ତ ରାସ୍ତା କାମ ବାକି ରହିଛି । ବର୍ଷା ଦିନ ହେଲାଣି । କେବେ କାମ ସରିବ ତାର କିଛି ହିସାବ ନାହିଁ । ରାସ୍ତା କାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତି କରୁଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। କେତେକ ଅଧିବାସୀଙ୍କ ଅଭିଯୋଗ ହେଲା ରାସ୍ତା କାମ ଚାଲୁଥିବା ବେଳେ ଶଙ୍ଖ ଉପରେ ମାସେ ତଳେ ପଡ଼ିଥିବା ପିଚୁ ଉଠି ଗଲାଣି ଏଥିସହ ଢଳେଇ ଫାଟି ଆଁ କଲାଣି। ତାହାକୁ ଦେଖିବାକୁ କେହି ନଥିବା ଭଳି ମନେ ହେଉଛି ନିମ୍ନମାନର ପିଚୁ ସ ?ହ ନିମ୍ନମାନର କେମିକାଲ ମିଶାଇ ରାସ୍ତା କାର୍ଯ୍ୟ ହେଉଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ । ରାସ୍ତାର ଉଭୟ ପାର୍ଶ୍ୱରେ ନାମକୁମାତ୍ର ମୋରମ ପକାଇ କାମ ସାରିଦିଆଯାଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଫକୀର ବେହେରାଙ୍କୁ ପଚାରିବାରେ ସେ କହିଥିଲେ ଯେ କର୍ମଚାରୀ ଅଭାବ ରହିଛି। କାହାରିକୁ ପଠାଇ ହେଉନି। ନିଜେ ଯାଇ ସରଜମିନ ତଦନ୍ତ କରିବେ। ଯଦି କୌଣସି ଅସୁବିଧା ହୋଇଥାଏ ତେବେ ତାହା ଦେଖିବା ସହିତ ତହାର ମରାମତି କରାଇବେ ବୋଲି ପ୍ରକାଶ କରିଛନ୍ତି।

# ରାଇଘରରେ ସିରିଜ ଚୋରି

- ଲୁଟି ନେଲେ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା
- ବର୍ଷକରେ ୩୦ ରୁ ଊର୍ଦ୍ଧ୍ୱ ମାମଲା ରୁଜୁ
- ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ

**ରାଇଘର,(ମହାଭାରତ) :** ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ଦପ୍ତର ଠାରେ ରହୁଥିବା ଦିପେଶ ବାରୋଇଙ୍କ ଘରେ ଗତ ଶନିବାର ରାତିରେ କେହି ନଥିବା ସମୟରେ ଚୋର ପଶି ସୁନା ଅଳଙ୍କାର ସହିତ ନଗଦ ଟଂକା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଗତ ୯ ତାରିଖ ମଙ୍ଗଳବାର ଦିନ ନିଜ ପରିବାର ସହିତ ରାଉରକେଲାକୁ ଘରୋଇ କାମରେ ଯାଇଥିଲେ । ରବିବାର ଅପରାହ୍ନରେ ଘରକୁ ଫେରି ଗେଟ୍ ଖୋଲି ଦେଖିବା ବେଳକୁ ଘରର ସବୁ କବାଟ ଖୋଲା ହୋଇ ରହିଥିବା ସହ ଆଲମିରା ଲକର୍ ଭଙ୍ଗା ହୋଇ ପଡିଛି। ଏଥିସହିତ ଘରର ଆସବାବ ଜିନିଷ ଓ କିଛି ମାଟି ହୁଣ୍ଡି ମଧ୍ୟ ଭଙ୍ଗା ପଡ଼ିଥିବା ପତ୍ନୀ ଗୀତା ବାରୋଇ ଦେଖି ମୁଣ୍ଡରେ ହାତ ଦେଇ ବସି ପଡ଼ିଥିଲେ । ଘର ବନ୍ଦ ରହୁଥିବା ଦେଖି କିଛି ଚୋର ଶନିବାର ମଧ୍ୟ ରାତିରେ କବାଟ ଭାଙ୍ଗି ପଶି ଚୋରି କରିଥିବା ଅନୁମାନ କରାଯାଇଛି । ଅପରପକ୍ଷରେ ରାଇଘର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ପକ୍ଷରୁ କୌଣସି ସୁଫଳ ମିଳି ପାରି ନାହିଁ ।

ପ୍ରକାଶ ଥାଉକି ମୁଖ୍ୟ ଦପ୍ତର ଠାରେ ଦିନ କୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଦୋକାନ ବଜାର ହେଉ କିମ୍ବା ଘରେ ହେଉ ବିଳମ୍ବିତ ରାତିରେ ଚୋର ପଶି କଳାକନା ବୁଲାଇ ଚମ୍ପଟ୍ ମାରୁଛନ୍ତି । ଘର ଲୋକେ ଅନୁପସ୍ଥିତ ରହିଥିବା ଅନୁମାନ କରି ଚୋର ଉକ୍ତ ଘରକୁ ଟାର୍ଗେଟ କରୁଛନ୍ତି । ଚୋର ମାନେ ରାଇଘର ଅଞ୍ଚଳର ହୋଇଥିବାରୁ କେଉଁ ଘରେ ଲୋକ ରହୁ ନାହାନ୍ତି ତାହା ଅନୁଧାନ କରି ଟାର୍ଗେଟ କରୁଛନ୍ତି । ଏମିତିକି ଦିନରେ ମଧ୍ୟ ବିଚ ବଜାରରୁ ବାଇକ ଓ ସ୍କୁଟି ଚୋରି ହେଉଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ବର୍ଷକ ମଧ୍ୟରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଚୋରି ମାମଲା ରାଇଘର ଥାନାକୁ ଆସିଥିବା ବେଳେ ଏ ପର୍ଯ୍ୟନ୍ତ ପୋଲିସ୍ ପ୍ରଶାସନ ସେଭଳି ଆଖି ଦୁର୍ଶିଆ ପଦକ୍ଷେପ ଗ୍ରହଣ କରିପାରି ନାହିଁ । ତେବେ ପୁଲିସର ପେଟ୍ରୋଲିଂ ବ୍ୟବସ୍ଥା ହେଉ ନଥିବା ସହିତ ଚୋରୀ ଘଟଣା ଗୁଡ଼ିକକୁ ଗୁରୁତ୍ୱ ଦେଉ ନଥିବାରୁ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି । ଲୋକେ ଦିନକୁ ଦିନ ପୁଲିସ ପ୍ରଶାନର କାର୍ଯ୍ୟଦକ୍ଷତା ଉପରେ ଭରସା ତୁଟାଇ ସାରିଲେଣି । ନାଇଟ୍ ପେଟ୍ରୋଲିଂ କୁ କଡାକଡି କରିବା ସହିତ ଚୋରରେ ସମ୍ପୃକ୍ତ ଥିବା ଲୋକଙ୍କୁ ଧରିବାକୁ ଚେଷ୍ଟା କରିବାକୁ ସାଧାରଣରେ ଦାବୀ ହେଉଛି ।

# ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ



**ଭବାନୀପାଟଣା,(ନି.ପ୍ର):** ବିଶ୍ୱ ଯୁବ ଦକ୍ଷତା ଦିବସ ଉପଲକ୍ଷେ ଦକ୍ଷତାର ବିକେନ୍ଦ୍ରୀକରଣ ପଦକ୍ଷେପ ସ୍ୱରୂପ, ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର, କଳାହାଣ୍ଡିର ଲୋକାର୍ପଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧମରେ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ଚଳିତ ଆର୍ଥିକ ବର୍ଷ ରେ ୫୦୦ ପିଲାଙ୍କୁ ତାଲିମ ପ୍ରଦାନ ସହ ନିଯୁକ୍ତି ପ୍ରଦାନ କରିଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୌଶଳ ଭବନ, ମୁଖ୍ୟମନ୍ତ୍ରୀ ଦକ୍ଷତା ଫେଲୋସିପ, ମୁଖ୍ୟମନ୍ତ୍ରୀ ଆସପାଇରେ ଆଦି କାର୍ଯ୍ୟକ୍ରମର ଲୋକାର୍ପଣ କରାଯାଇଛି, ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ସମ୍ପଦ ଚରଣ ସ୍ୱାଇଁ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଦକ୍ଷତା ବିକାଶ ଏବଂ ନିୟୋଜନ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଆଦି ଯୋଗଦାନ କରି ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ କଳାହାଣ୍ଡି ମାଳବିକା ଦେବୀ ଯୋଗ ଦେଇ ଜିଲ୍ଲା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ଯୋଗଦାନ କରିଥିଲେ। ଉଦ୍ଘାଟନ ପରେ ବିଭିନ୍ନ ଦକ୍ଷତା ତାଲିମ କେନ୍ଦ୍ରର ଶିକ୍ଷାର୍ଥୀ ମାନଙ୍କ ସହ ମାନ୍ୟବର ସାଂସଦ ଓ ଜିଲ୍ଲାପାଳ ମତ ବିନିମୟ କରିଥିଲେ ଓ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଉତ୍କର୍ଷ ପ୍ରତିପାଦନ କରିଥିବା ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ଶାହୀ ଏକ୍ସପୋର୍ଟ, ସିଟିସିସି, ବେଦାନ୍ତ ସ୍କିଲ କେନ୍ଦ୍ର, ଜନ ଶିକ୍ଷଣ ସଂସ୍ଥାନ, ଡାଟାପ୍ରୋ ଆଦି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ସରକାରୀ ପଲିଟେକ୍ନିକର ଅଧ୍ୟକ୍ଷ ଅମୁଲ୍ୟ ପଣ୍ଡା, ଜ୍ଞାନ ରଞ୍ଜନ ମିଶ୍ର, ସରକାରୀ ଆଇଟିଆଇ ଭବାନୀପାଟଣାର ଅଧ୍ୟକ୍ଷ ଶିବ ପ୍ରସାଦ ସାମନ୍ତରାୟ, ସିଟିଟିସିରୁ ଜୀବନ ଜ୍ୟୋତି ଓଝା, ଶାହୀ ଏକ୍ସପୋର୍ଟରୁ ପ୍ରଶାନ୍ତ ପାଣିଗ୍ରାହୀ, ସୁବାସ ନାୟକ, ବେଦାନ୍ତ ତାଲିମ କେନ୍ଦ୍ରରୁ ତ୍ରୈଲୋକ୍ୟ ମହାପାତ୍ର, ଜନ ଶିକ୍ଷଣ ସଂସ୍ଥାନ ର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ, ଡାଟାପ୍ରୋରୁ ପ୍ରଭାତ ଚନ୍ଦ୍ର ଗୁପ୍ତା, ଗୁଣନିଧି ଦୁର୍ଗା ଆଦି ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମହାପ୍ରସାଦ ଦାସ, ଦକ୍ଷତା ବିକାଶ ଅଧିକାରୀ ସୁବିଦିତ ସାମନ୍ତରାୟ, ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ଲୋକନାଥ ପଟେଲ, ସୁବ୍ରତ ମେହେର, ବିପ୍ଳବ ମାଝୀ, ଜଗବନ୍ଧୁ ରଣା, ଧନେଶ୍ୱର ଶବର, ମନୋଜ କୁମାର ବର୍ଗତି ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଏହି ସମାରୋହରେ ୨୫୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦାନ କରିଥିଲେ।

# ଦଶପଲ୍ଲା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ



**ଦଶପଲ୍ଲା,(ନି.ପ୍ର):** ଦଶପଲ୍ଲା ପଞ୍ଚାୟତ ସମିତିର ସପ୍ତମସାଧାରଣ ଅଧିବେଶନ ମଙ୍ଗଳବାର ଦିନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ପିଆରଆଇ ମେମ୍ବର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ପାନୀୟ ଜଳ, ରାସ୍ତାଘାଟ ଆଦିର ଉନ୍ନତି କରଣ ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧାପନ୍ତରିଆ ହୋଇ ପଡି ରହିଥିବା କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ସମୀକ୍ଷା କରାଯିବା ସହିତ ସେସବୁର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।

# ରେସ୍ୱା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମୃଦୁ ପାନୀୟ ବଣ୍ଟନ




**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡା ଏକ ଭାଇଚାରାର ସହର। ଏଠି ସମସ୍ତ ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇ ସମସ୍ତ ପର୍ବପର୍ବାଣୀ ପାଳନ କରିଥାନ୍ତି। ଏହାର ଏକ ଝଲକ କେନ୍ଦ୍ରାପଡା ଜିଲ୍ଲା ତଥା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଘୋଷଯାତ୍ରାରେ ଦେଖିବାକୁ ମିଳିଥିଲା। ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଘୋଷଯାତ୍ରା ଅବସରରେ ରେସ୍ୱା ସ୍ୱେଚ୍ଛାସେବୀ ସଂଗଠନ ଏବଂ ସୁଭଦ୍ରା ଟ୍ରେଡରର ମିଳିତ ସହାୟତାରେ ଶ୍ରୀଜୀଉଙ୍କ ରଥଦାଣ୍ଡରେ ଭକ୍ତଙ୍କ ନିମନ୍ତେ ମୃଦୁ ପାନୀୟ ବଣ୍ଟନ କରାଯାଇଥିଲା। ଏଥିରେ ହିନ୍ଦୁ ଏବଂ ମୁସଲିମ ସମ୍ପ୍ରଦାୟର ଲୋକମାନେ ମିଳିତ ଭାବେ ବଡଦାଣ୍ଡରେ ଭକ୍ତ ମାନଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ମୃଦୁ ପାନୀୟ ବଣ୍ଟନ ସେବା ପ୍ରଦାନ କରିଥିଲେ। ଏହି ସେବା ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶଂସା ସାଉଁଟି ଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ମାନଙ୍କ ଉପରେ ସତେ ଯେମିତି ଆବାଳ ବୃଦ୍ଧବନିତାଙ୍କ ଆଶିର୍ବାଦ ଢାଳି ହୋଇପଡୁଥିଲା। ଏଥିରେ ରେସ୍ୱା ନିର୍ଦ୍ଦେଶକ ସେକ ଲିୟାକତ ହୋସେନ, ସମାଜ ସେବୀ ମୁର୍ସିଦ ଅହେମଦ, ସରୋଜ ମହାରଣା, ରେସ୍ୱା ଶିଶୁପନ୍ ଅନୁଷ୍ଠାନ ଅଧିକ୍ଷକ ଅମିତ ରଞ୍ଜନ ସାହୁ, ସୁଭଦ୍ରା ଟ୍ରେଡରର ମାଲିକ ରଶ୍ମିକାନ୍ତ ବେହେରା, ଶୁଭ୍ରଜିତ ବେହେରା ଏବଂ ରେସ୍ୱା ଓ ସୁଭଦ୍ରା ଟ୍ରେଡରର ବହୁ କର୍ମକର୍ତାମାନେ ଉପସ୍ଥିତ ରହି ଏହି ସେବା କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ବୁଦ୍ଧିଜୀବୀ ମହଲରେ ରେସ୍ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏହି ପ୍ରୟାସକୁ ସ୍ୱାଗତ କରାଯାଇଛି।

# ବିଜେଡିରୁ ଇସ୍ତଫା ପ୍ରଦାନ



**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତର ପ୍ରାକ୍ତନ ସମିତି ସଭ୍ୟ ତଥା କଟକ ଜିଲ୍ଲା ବିଜୁ ଜନତା ଦଳର ପ୍ରାକ୍ତନ ସାଧାରଣ ସମ୍ପାଦକ ବିଜୟ କୁମାର ବଳ ଦଳରୁ ଇସ୍ତଫା ପ୍ରଦାନ କରିଥିବାର ଜଣାଯାଇଛି। ଏସମ୍ପର୍କରେ ଶ୍ରୀ ବଳ ତାଙ୍କୁ ଦଳ ତରଫରୁ ଅଣଦେଖା କରାଯାଉଥିବାର ପ୍ରତିବାଦରେ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବାର ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ଲିଖିତ ଆକାରରେ ଜଣାଇଥିବାର ଜଣାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ଦେବେନ୍ଦ୍ର କୁମାର ସାହୁ ଓ ବନ୍ଧକାଟିଆ ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ତଥା କଟକ ଜିଲ୍ଲା ବିଜେଡି ଉପସଭାପତି ରବିନ୍ଦ୍ରନାଥ ତ୍ରିପାଠୀ ଦଳରୁ ଇସ୍ତଫା ପ୍ରଦାନ କରିଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଗତ ନିର୍ବାଚନରେ ଦଳର ପରାଜୟ ନିମନ୍ତେ ଅନ୍ତର୍ଘାତି କାର୍ଯ୍ୟକର୍ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଚରମ ବାଣୀ ଶୁଣାଇବା ପରେ ଦଳରୁ ଜଣକ ପରେ ଜଣେ ପଦାଧିକାରୀ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇସ୍ତଫା ପ୍ରଦାନ କରୁଥିବାର ଜଣାଯାଇଛି। ତେବେ ରାଜନୈତିକ ବ୍ୟକ୍ତିମାନେ ଆଗାମୀ ଦିନରେ ବିଜେପିରେ ଯୋଗଦାନ କରିବା ନେଇ ଚର୍ଚ୍ଚା ଜୋର ଧରିଛି।

# ବାଘୁଆ ଜଳସେଚନ ପ୍ରକଳ୍ପର ସାଧାରଣ ଅଧିବେଶନ



**ବୁଗୁଡା,(ନି.ପ୍ର) :** ବାଘୁଆ ଜଳସେଚନ ପ୍ରକଳ୍ପର ଏକ ସାଧାରଣ ଅଧିବେଶନ ସ୍ଥାନୀୟ ବାଘୁଆ ଜଳସେଚନ କଲୋନୀସ୍ଥ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ଖରିଫ ଜଳସେଚନ ପରିଚାଳନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ବର୍ତ୍ତମାନ ବାଘୁଆ ଜଳଭଣ୍ଡାରରେ ୪୪୭.୯୪ ହେକ୍ଟୋ ମିଟର ଜଳ ଗଛିତ ଥିବା ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ତେଣୁ ଏ ଅବସରରେ ଚାଷୀମାନଙ୍କୁ ଜଳସେଚନ ପରିଚାଳନା କରିବାରେ ସହଯୋଗ କାମନା କରାଯାଇଥିଲା। ଜଳଭଣ୍ଡାରରେ ଗଛିତ ଜଳର ଅବସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଖରିଫ ଋତୁ ପାଇଁ ଆସନ୍ତା ଜୁଲାଇ ୨୯ ତାରିଖଠାରୁ ଜଳଭଣ୍ଡାରର ବାମ ଓ ଡାହାଣ କେନାଲ ଦେଇ ଜଳସେଚନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୋଲସରା ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢୀ ଓ ବୁଗୁଡ଼ା ସହକାରୀକୃଷି ଅଧିକାରୀ ହରପ୍ରିୟା ବେହେରା ଯୋଗଦେଇ ଧାନ ତଳିର ଯତ୍ନ ଓ ଫସଲକୁ ରୋଗ ପୋକ ଦାଉରୁ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଅଧିବେଶନର ପ୍ରାରମ୍ଭରେ ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ଭାଷଣ ଓ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅନ୍ୟତମ ସହକାରୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଧିବେଶନରେ ବିଭିନ୍ନ ପାଣିପଞ୍ଚାୟତର ଚାଷୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଜନତା ହାଇସ୍କୁଲ ଅମ୍ବାଭୋନାରେ ବ୍ଲକସ୍ତରୀୟ ପ୍ରେରଣା ଉତ୍ସବ




**ଅମ୍ବାଭୋନା, (ନି.ପ୍ର):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁଞ୍ଜାରେ ବ୍ଲକସ୍ତରୀୟ ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲାଲ ମୋହନ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟୀର ଅଧ୍ୟକ୍ଷ ସାନନ୍ଦ ଦେହେରୀ ଯୋଗଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ପ୍ରେରଣା ଉତ୍ସବର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସିଂ ପ୍ରେରଣା ଉତ୍ସବ ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇଥିବା ୨୮ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କ ମଧ୍ୟରୁ ଦର୍ଶନୀ ସେଠ୍, କରିସ୍ମା ପଟେଲ, ପ୍ରକାଶିନୀ ଦାସ, ହୀନା ଖମାରୀ ଏବଂ କମଳିନୀ ଡିଲା, ଛାତ୍ରମାନଙ୍କ ମଧ୍ୟରୁ ଅରୁଣ କୁମାର ପଟେଲ, ନିହାର ସୁନା, ଭୂପେଶ ସାହୁ, ଆଶୁତୋଷ ଦୁଆନ ଏବଂ ଭବାନୀ ଶଙ୍କର ସାହୁ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବରେ ଅଂଶ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ଶିକ୍ଷକ ସୁଲଳିତ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଞ୍ଚଳ ପଧାନ ଏବଂ କଳା ଶିକ୍ଷକ ଅମୂଲ୍ୟ ଭୋଇ ଯୋଗ ଦେଇଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ସଞ୍ଜୟ ଖମାରୀ,ସି ଆର୍ ସି ସି ପୁନୀରାମ ଗଣ୍ଡ, ସିଆରସିସି କେଦାରନାଏକ, ଶିକ୍ଷକ ଆଶୁତୋଷ ଭୋଇ ଏବଂ ସୁବାସ ଚନ୍ଦ୍ର ଖମାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଧାୟକ ଦ୍ୱାରା ଅତ୍ୟାଧୁନିକ ଶୌଚାଳୟ ଉଦ୍‌ଘାଟନ

**ଆସିକା,(ନି.ପ୍ର):** ଆସିକା କଳିଙ୍ଗା ରୋଡ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ମୁଖରେ ଏନ ଏ ସି ପକ୍ଷରୁ ଉଚ୍ଚ କୋଟିର ସାର୍ବଜନିନ ୦୬ ଗୋଟି ଅତ୍ୟାଧୁନିକ ଶୌଚାଳୟକୁ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଯୁବ ସମାଜସେବୀ ସଂଦୀପ ପାଢ଼ୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ପୂର୍ବତନ ସରପଞ୍ଚ କରୁଣାକର ମହାନ୍ତି, ପ୍ରମୁଖ ଉପସ୍ଥିତ ରହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୨ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ପୁରୁଷ, ମହିଳା ଏବଂ ଦିବ୍ୟାଙ୍ଗ ମାନଙ୍କ ବ୍ୟବହାର ପାଇଁ ଏହି ଶୌଚାଳୟ ନିର୍ମାଣ କରାଯାଇଛି। ଏଥିରେ ୦୨ ଗୋଟି ପୁରୁଷ,୦୨ ଗୋଟି ମହିଳା ଓ ଜଣେ ଦିବ୍ୟାଙ୍ଗ ପୁରୁଷ ଓ ଜଣେ ଦିବ୍ୟାଙ୍ଗ ମହିଳା ମହିଳା ମାନେ ସୁବିଧାରେ ଶୌଚାଳୟ ବ୍ୟବହାର ନିମନ୍ତେ ଏହା ନିର୍ମାଣ କରାଯାଇଛି ବୋଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

**ଶିକ୍ଷକଙ୍କ ବଦଳିରେ ଅର୍ଥ କାରବାର ଘଟଣାର ତଦନ୍ତ**

# କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଶିଥିଳତା

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ପ୍ରାଥମିକ ଶିକ୍ଷକଙ୍କ ବଦଳୀରେ ହୋଇଥିବା ଅନିୟମିତତା ଓ ଅର୍ଥକାରବାର ଘଟଣାର ତଦନ୍ତ ସରିଛି। ଏହି ଘଟଣାରେ ପ୍ରଶାସନ ତରଫରୁ ଏହି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ପ୍ରକାଶ ପାଇଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକରୁଥିବା ୨୧ ଜଣ ଶିକ୍ଷକଙ୍କ ବଦଳୀ ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଏହି ଶିକ୍ଷକ ମାନଙ୍କ କାଗଜପତ୍ର ଯାଂଚ କରାଯିବା ପୂର୍ବରୁ ଦାୟୀତ୍ୱରେ ଥିବା ଜନୈକ କର୍ମଚାରୀ ସମ୍ପୃକ୍ତ ଶିକ୍ଷକମାନଙ୍କ ସହ ଯୋଗାଯୋଗ କରି ଘର ପାଖକୁ ବଦଳୀ ହେଲେ ୩୦ ହଜାର ଦୂରକୁ ବଦଳୀ ହେଲେ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ମାଗିଥିଲେ। ଅନଲାଇନ ମାଧ୍ୟମରେ ଶିକ୍ଷକ ମାନଙ୍କର ରେକର୍ଡପତ୍ର ଯାଂଚ କରାଯିବାର ନିୟମ ଥିଲା ବେଳେ ଏହି କର୍ମଚାରୀ ଜଣକ ଶିକ୍ଷକ ମାନଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଅଫଲାଇନରେ ଯାଂଚ କରିବା ପାଇଁ କହିଥିଲେ। ବଦଳୀ ନିମନ୍ତେ ଆବେଦନ କରିଥିବା ଶିକ୍ଷକ ମାନଙ୍କୁ କାର୍ଯ୍ୟାଳୟର ଅଧିକାରୀଙ୍କ ନାମ କହି ଅର୍ଥ ମଗାଯାଇଥିବା ଘଟଣାକୁ ଜନୈକ ଶିକ୍ଷକ ଚତୁରତାର ସହ ନିଜ ମୋବାଇଲରେ ରେକର୍ଡିଂ କରି ଶିକ୍ଷା ବିଭାଗକୁ ପଠାଇଥିଲେ। ଶିକ୍ଷା ବିଭାଗର ଯୁଗ୍ମ ସଚିବ ସନାତନ ପଣ୍ଡା ଓ ଓସେପା ଫାଇନାନ୍ସ ଅଫିସର ସୂର୍ଯ୍ୟନାରାୟଣ ମିଶ୍ର କାର୍ଯ୍ୟାଳୟକୁ ଆସି ଶିକ୍ଷକ ମାନଙ୍କୁ ଡାକି ପଚରା ଉଚରା କରି ଫେରି ଯାଇଥିଲେ। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ପଡିଯାଇଥିବାର ଶିକ୍ଷକ ମହଲରେ ଅଭିଯୋଗ ହୋଇଛି।

# ଜିଲ୍ଲାବ୍ୟାପୀ ସେବା ଉତ୍ସବ ଉଦ୍‌ଘାଟିତ



**ନୟାଗଡ,(ନି.ପ୍ର) :** ନୟାଗଡ଼ରେ ଉଦଘାଟିତ ହେଲା ଅଷ୍ଟମ ବାର୍ଷିକ ଜିଲ୍ଲାବ୍ୟାପି ସେବା ଉତ୍ସବ -୨୦୨୪ ଓ ନୟାଗଡ଼ ସହର ସ୍ଥିତ ରୋଟାରି ଭବନ ଠାରେ ଅଷ୍ଟମ ବର୍ଷ ଜିଲ୍ଲା ବ୍ୟାପି ସେବା ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ର ପୌରାଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇଥିଲେ। ଏହି ଅବସରରେ ଦିନକୁ ଦିନ ଆମ ଭିତରେ ସେବା ମନୋଭାବ ମରିଯାଉଛି, ଆମେ ସେବାକୁ ସ୍ୱେଚ୍ଛାକୃତ ଭାବରେ ନୁହଁ ବରଂ ବାଧ୍ୟବାଧକତାରେ ଗ୍ରହଣ କରୁଛେ ବୋଲି ମୁଖ୍ୟ ଅତିଥି ଡ଼. ପାତ୍ର କହିଥିଲେ। ସେବାକୁ ଉତ୍ସାହ ସହକାରେ ଗ୍ରହଣ କରିବା ପାଇଁ ସେବା ଉତ୍ସବ ଏକ ଅନନ୍ୟ ପ୍ରୟାସ ବୋଲି ଅନ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିବା ବେଳେ ସେବାକୁ ଏକ ଆନ୍ଦୋଳନରେ ପରିଣତ କରିବା ଦରକାର ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆଜିର କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସମାଜସେବୀ ସନ୍ତୋଷ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ତାପସ ମାର୍ଥା, ବିଶିଷ୍ଟ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାଶ, ଯୁବ ବ୍ୟବସାୟୀ ଚନ୍ଦନ ସାହୁ, ପରିବେଶପ୍ରେମୀ ସୁକାନ୍ତ ଚୌଧୁରୀ, ସମାଜସେବୀ ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେବା ଓ ଦାନର ମହାନ ପର୍ବକୁ ଉଦ୍‌ଜୀବିତ କରିବା ପାଇଁ ଯୁବପିଢ଼ି ଆଗକୁ ଆସିବା ଦରକାର ବୋଲି ଅତିଥି ମାନେ ମାତବ୍ୟକ୍ତ କରିଥିଲେ। ସେହିଭଳି ଯୁବପିଢ଼ିଙ୍କୁ ସେବା ଧର୍ମରେ ବ୍ରତୀ କରିବା ପାଇଁ ସେବା ଉତ୍ସବ ଏକ ନିଆରା ପ୍ରୟାସ ବୋଲି ପୁରୀ ସାଂସଦ ଡ଼. ପାତ୍ର କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କ ଦ୍ୱାରା କୁନିପ୍ରତିଭା ମାନଙ୍କୁ ପୁରସ୍କାର ଦିଆଯିବା ସହ କିଛି ଅଭାବୀ ବ୍ୟକ୍ତିଙ୍କୁ ବସ୍ତ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲା ବେଳେ ଗୁଲସନ କୁମାର ଦାଶ, ସୁନୀଲ କୁମାର ନାୟକ, ପ୍ରଶାନ୍ତ ସାହୁ, ସୋମ୍ୟା ସୋୟମ ପ୍ରଭା, ପରମେଶ୍ୱର ସାହୁ, ବର୍ଷା ପ୍ରୟାଦର୍ଶନୀ, ଶ୍ରୀମାନ ଅଭିଜିତ କର, କରଣ ବଡ଼ଟିଆ, ଯୁଧିଷ୍ଠିର ବେହେରା ଆଶୁତୋଷ ଦାଶ, ରଂଜନ ବେହେରା, କୃପାସିନ୍ଧୁ ରାଉତ, ରବୀନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାଭାଗିତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଓକିଲ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ



ଭୁବନ, (ନିପ୍ର) : ରାଜ୍ୟର ସମସ୍ତ ଓକିଲ ସଂଘ ପାଇଁ ଏକକ ବାର୍ ଏକକ ଭୋଟ୍ ନୀତିରେ ଗତ ମାର୍ଚ୍ଚ ୩୦ତାରିଖରେ ଭୋଟ୍ ହେବା ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। କେବଳ ଭୁବନ ଓକିଲ ସଂଘ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ଆଇନଜୀବୀ ପରିଷଦ ଭୁବନ ବାର୍ ନିର୍ବାଚନକୁ ସ୍ଥଗିତ ରଖିଥିଲେ। ତଦନ୍ତ ପରେ ଗତ ଜୁନ୍ ମାସ ୩୦ତାରିଖରେ ପୁନଃ ନିର୍ବାଚନ କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ଏହି କ୍ରମରେ ଭୁବନ ବାରର ପ୍ରସ୍ତାବକ୍ରମେ ଶ୍ରୀକାନ୍ତ କୁମାର ସାହୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲେ। ସଭାପତି ବାବୁଲି କୁମାର ସେଠି, ସଂପାଦକ ପ୍ରହଲ୍ଲାଦ ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମିଶ୍ର, ଯୁଗ୍ମ ସଂପାଦକ ଜଗବନ୍ଧୁ ସାହୁ ଓ କୋଷାଧ୍ୟକ୍ଷ ସଂଯୁଲତା ସାହୁ ପ୍ରମୁଖଙ୍କ ସମେତ ୨୦ଜଣ ସଦସ୍ୟ ଉପସ୍ଥିତ ରହି କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓକିଲ ପ୍ରଦୀପ ପଣ୍ଡା ଉପସ୍ଥିତ ଥିଲେ।

## କୁନିନ୍ଦା ପାଣିପଂଚାୟତ ସଂଯୋଜକ ହେଲେ ପୂର୍ଣ୍ଣଚନ୍ଦ୍ର

ଭୁବନ, (ନିପ୍ର) : ଭୁବନ ଏନ୍ଏସି କୃଷକ ତାଲିମ କେନ୍ଦ୍ର ପରିସରରେ ରେଙ୍ଗାଳି ବାମ କେନାଲ ପ୍ରକଳ୍ପସ୍ତରୀୟ ବୈଠକରେ ୪୫ଟି ପାଣି ପଂଚାୟତ ମଧ୍ୟରୁ ୩୬ଟି ପାଣି ପଂଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ। ଭୁବନ-୧, ଭୁବନ-୨, ଭୁବନ-୩, ଡୁବୁରୀ ଶାଖା ଅଧିନରେ ଥିବା କେନାଲ ଗୁଡିକର ପ୍ରତିନିଧି ଏହି ଅବସରରେ ଚୟନ ହୋଇଥିଲା। ୨୦ଜଣିଆ ପ୍ରତିନିଧିଙ୍କୁ ନେଇ ଆଗାମୀ ଦିନରେ କେନାଲର ଦଳ ସଫା ଠାରୁ ଆରମ୍ଭ କରି କବାଟ ଚୋରି, କେନାଲ ନିର୍ମାଣ, ଛେଳି କୁକୁଡ଼ା ଘର, ପାଣି ପଂଚାୟତ ଦ୍ୱାରା କରନାଳି କେନାଲ ନିର୍ମାଣ, ଜଳ ଭୂମି ପରିଚାଳନା ସଂସ୍ଥାର ଦାୟିତ୍ୱ ବୃଦ୍ଧି ଏବଂ ୮ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ସ୍ଥିର ହୋଇଛି। ମା'ସିଦ୍ଧ ରାମଚଣ୍ଡି ପାଣି ପଂଚାୟତ ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ୫୪ଟି ପାଣି ପଂଚାୟତ ସଂଯୋଜକ ଭାବେ ଚୟନ କରାଯାଇଥିଲା।

# କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,(ନି.ପ୍ର):** କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଂଚାୟତ ତରଫରୁ କଟକର ନବ ନିର୍ବାଚିତ ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସାନ୍ତପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଶିକ୍ଷାବିତ କାର୍ତିକ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସାନ୍ତପୁର ସରପଂଚ ରମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦାନ କରି କଟକବାସୀଙ୍କ ସେବା କରିବାରେ ସେ କେବେ ହେଲେ ପଛଘୁଂଚା ଦେବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। କଟକ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସ୍ଥାନୀୟ ଲୋକେ ତାଙ୍କୁ ପୂର୍ଣ୍ଣ ଗଠନ ମୂଳକ ସହଯୋଗର ହାତ ବଢାଇବା ପାଇଁ ଶ୍ରୀ ମହତାବ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତାଭାବେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ସମ୍ମାନିତ ଅତିଥିଭାବେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ତଥା କଟକ ସଦର ବିଜେପି ସଂଯୋଜକ ହୃଷିକେଶ ଜେନା, ଅନ୍ୟତମ ଅତିଥିଭାବେ ନେମାଳ ମଣ୍ଡଳ ବିଜେପି ସଭାପତି ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ କାର୍ତିକ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଶିକ୍ଷାବିତ ବିଚିତ୍ରାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଂଚାୟତ ତରଫରୁ ସାଂସଦ ଶ୍ରୀ ମହତାବଙ୍କୁ ପୁଷ୍ପଗୁଚ୍ଛ ,ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସମାଜସେବୀ ସୁବାଷ ଚନ୍ଦ୍ର ଦାସ,ଅଶୋକ କୁମାର ସାହୁ ଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ପୂର୍ଣ୍ଣ ସହଯୋଗ କରିଥିଲେ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# କରଡ଼ି ପାଇଁ ଧ୍ୱଂସ ପାଉଛି ବାଉଁଶ ଜଙ୍ଗଲ

- ଗଜା ଆରମ୍ଭରୁ ମାତିଲେଣ ମାଫିଆ
- ଦଶପଲ୍ଲାରୁ ଜିଲ୍ଲା ବାହାରକୁ ହେଉଛି ଚାଲାଣ,
- ରକ୍ଷଣାବେକ୍ଷଣ ଦିଗରେ ବନବିଭାଗର ଆଦୌ ଦୃଷ୍ଟି ନାହିଁ



**ଦଶପଲ୍ଲା,(ମହାଭାରତ) :** ବାଉଁଶ ଗଜା ଆରମ୍ଭରୁ ଦଶପଲ୍ଲା ବନାଞ୍ଚଳରେ ମାତିଲେଣି କରଡ଼ି ମାଫିଆ। ଜଙ୍ଗଲରୁ ଦୈନିକ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ କରଡ଼ି ସଂଗ୍ରହ କରାଯାଉଛି। ବିଶେଷକରି ବର୍ଷକୁ ଗୋଟିଏ ଥର ବାଉଁଶ ଗଛର ବୃଦ୍ଧି ଘଟିବା ପାଇଁ ଗଜା ଆରମ୍ଭ ହେଉଥିବା ବେଳେ ମାଫିଆ ମାନେ ଏହାକୁ ଚାହିଁ ବସିଥାନ୍ତି ଏବଂ ଏସବୁ ଗଜାକୁ ଭାଙ୍ଗି ଦେଉଛନ୍ତି। ଯାହା ଦ୍ୱାରା ବାଉଁଶ ବଣ ଧ୍ୱଂସ ପାଉଥିବା ଦେଖିବାକୁ ମିଳିଛି। ବଜାରଘାଟ ଠାରୁ ଆରମ୍ଭ କରି ଗାଁ ଗହଳିରେ ଖୋଲାଖୋଲି ଭାବେ କରଡ଼ି ବିକ୍ରୟ କରାଯାଉଛି। ହାଟବଜାରରେ ମଧ ଏସବୁର ପସରା ଖୋଲୁଛି। ନୂଆ ନୂଆ ଗଜା ହେତୁ ଏହାର ବଜାର ଚାହିଦା ରହିଥିବାରୁ କରଡ଼ିକୁ ଜିଲ୍ଲା ବାହାରକୁ ଚାଲାଣ କରିବା ଆରମ୍ଭ ହୋଇଗଲାଣି। ସ୍ଥାନୀୟ ଅଞ୍ଚଳର କିଛି ମାଫିଆ ଏହି ବ୍ୟବସାୟ ଚଳାଇ ଆସିଛନ୍ତି। ମୁଖ୍ୟତଃ ଦେଖିବାକୁ ଗଲେ ବାଉଁଶ ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଦଶପଲ୍ଲା ଜଙ୍ଗଲ ମୂଲ୍ୟବାନ କାଠ ଭଳି ବାଉଁଶ ପାଇଁ ରାଜ୍ୟରେ ଖ୍ୟାତି ଅର୍ଜନ କରିଛି। ଜଙ୍ଗଲରେ ଏତେ ମାତ୍ରାରେ ବାଉଁଶ ଭରପୂର ରହିଛି ଯେ ଏଠାରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହେଉଛି। ହେଲେ ଏହି ଜଙ୍ଗଲ ଏବେ ଧ୍ୱଂସ ହେବାକୁ ବସିଲାଣି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏବେ ବାଉଁଶ ଗଜାକୁ ଭାଙ୍ଗି ନଷ୍ଟ କରି ଦିଆଯାଉଥିବା ବେଳେ ଗ୍ରୀଷ୍ମ ଦିନେ ଜଙ୍ଗଲ ନିଆଁ ପାଇଁ ବାଉଁଶ ଜଙ୍ଗଲ ମଧ ଜଳିପୋଡ଼ି ଛାରଖାର ହେଉଛି। ବିଶେଷକରି ବର୍ଷା ଋତୁ ଆରମ୍ଭରୁ ବାଉଁଶ ମୂଳରୁ ଗଜା ବାହାରିଥାଏ। ଏହି ଗଜା ବଡ଼ ହୋଇ ବାଉଁଶ ଗଛ ହୋଇଥାଏ। ହେଲେ ବଡ଼ ହେବା ପୂର୍ବରୁ ଏହାକୁ ମାଫିଆମାନେ କାଟି କରଡ଼ି ଭାବେ ବ୍ୟବହାର କରୁଛନ୍ତି। ଯାହାକି ବାଉଁଶ ଜଙ୍ଗଲ ବୃଦ୍ଧି ପାଇବାରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏବେ ବାଉଁଶ ଗଜା ଆରମ୍ଭ ହେଉଥିବା ବେଳେ ବ୍ୟବସାୟୀ ମାନେ ବ୍ୟବସାୟ ଆରମ୍ଭ କରିଦେଲେଣି। ଲାଭଖୋର୍ ମନୋଭାବ ପାଇଁ ଏହାକୁ ଦଶପଲ୍ଲାରୁ ଜିଲ୍ଲା ଓ ଜିଲ୍ଲା ବାହାରକୁ ଚାଲାଣ କରାଯାଉଛି। ସହରାଞ୍ଚଳରେ ଏହାର ବେଶ୍ ଚାହିଦା ରହିଥିବାରୁ ମାଫିଆ ମାନେ ଜିଲ୍ଲା ବାହାରକୁ ଚାଲାଣ କରି ଭଲ ଦି ପଇସା ରୋଜଗାର କରିବାର ପନ୍ଥା ଆପଣାଇ ନେଉଛନ୍ତି। ଦଶପଲ୍ଲାର ପୋଖରୀଗୋଛା, ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, ଟାକରା, ଭୋଗବାଡ଼ି, ସରିଗଣ୍ଡା, ଘୁଗୁଡ଼ିପଡ଼ା, କୁଲୁରୁକୁମ୍ପା, ବାଣିଗୋଛା, କୁଜାମେଣ୍ଡି, ତେଣ୍ଡାବାଡ଼ି ଆଦି ନିକଟବର୍ତ୍ତୀ ଜଙ୍ଗଲରୁ ଏହି କରଡ଼ିକୁ ବହୁଳ ଭାବେ ସଂଗ୍ରହ କରାଯାଉଛି। ଏହାର କିଲୋ ପ୍ରତି ମୂଲ୍ୟ ଏବେ ୪୦ ଟଙ୍କାରୁ ୬୦ ଟଙ୍କା ରହିଥିବା ବେଳେ ଜିଲ୍ଲା ବାହାରେ ଏହାର ମୂଲ୍ୟ ଅଧିକ ରହୁଛି। ନାମକୁ ମାତ୍ର କାଗଜପତ୍ରରେ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହିଛି। ଏସମ୍ପର୍କରେ ବନାଞ୍ଚଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ କିଛି ମାଫିଆଙ୍କୁ ଗିରଫ କରାଯାଇଛି। ଏବେ ମଧ ଏଦିଗରେ ଦୃଷ୍ଟି ଦିଆଯିବ।

# ନକଲି କାଗଜପତ୍ରରେ ଜମି ହଡ଼ପ କରିଥିବା ଅଭିଯୋଗ



**କଣ୍ଟାବାଞ୍ଜି,(ମହାଭାରତ) :** କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ଧାମନଡ଼ଙ୍ଗରେ ନକଲି କାଗଜପତ୍ର ଜରିଆରେ ଶିବ ତାଣ୍ଡି ଓରଫ ବାବୁଲାଲ ଜଣକ ବ୍ୟକ୍ତି ଙ୍କ ଜମି ଧାମନଡ଼ଙ୍ଗର ପାର୍ବତୀ ତାଣ୍ଡି ହଡ଼ପ କରି ବିକ୍ରି କରିଥିବା ନେଇ ମୃତ ଶିବଙ୍କ ଝିଅ ନିଶା ତାଣ୍ଡି ଓ ତାଙ୍କ ପତ୍ନୀ ସଙ୍ଗୀତା ତାଣ୍ଡି ଅଭିଯୋଗ ଆଣିଥିଲେ। ଏହାପରେ ଗତ କିଛି ଦିନ ତଳେ ସାମ୍ବାଦିକ ସମ୍ମିଳନୀ କରି ମୁହଁ ଖୋଲିଥିଲେ ପାର୍ବତୀ ତାଣ୍ଡି। ତାଙ୍କ କହିବା ଅନୁସାରେ ଶିବ ତାଣ୍ଡି ଙ୍କ ସମ୍ପର୍କୀୟ ଝିଆରୀ ହେଉଛି ମୁଁ ପାର୍ବତୀ ତାଣ୍ଡି। ହଠାତ ନିଶା ନାମକ ଜଣେ ମହିଳା ଆସି ମୃତ ଶିବ ତାଣ୍ଡିଙ୍କ ଉତ୍ତରାଧିକାରୀ କହୁଛି। ସେ ଛତିଶଗଡ ଭିଲାଇ ସହର ବାବୁଲାଲ ଯାଦବ ନାମକ ଜଣେ ବ୍ୟକ୍ତିଙ୍କ ଝିଅ ନିଶା ଯାଦବ ଓ ତାଙ୍କ ପତ୍ନୀ ହେଉଛନ୍ତି ସଙ୍ଗୀତା ଯାଦବ ତାଙ୍କ ସହ ଆମର କୌଣସି ସମ୍ପର୍କ ନାହିଁ। ସେମାନେ ତୋ ଆମ ସମ୍ପର୍କୀୟ ନୁହଁ ସେ କେମିତି ଶିବ ତାଣ୍ଡି ଙ୍କ ଉତ୍ତରାଧିକାରୀ ହେବ। ଆଉଁ ସେ ଯେଉଁ ଜମିର କଥା କହୁଛନ୍ତି ବୋଲି ସେ କହିଥିଲେ। ଏହି ଘଟଣା କୁ ମୃତ ଶିବ ଓରଫ ବାବୁଲାଲ ତାଣ୍ଡି ଙ୍କ ଝିଅ ନିଶା ତାଣ୍ଡି ଏକ ସାମ୍ବାଦିକ ସମ୍ମିଳନୀ ଡାକି ପାର୍ବତୀ ଙ୍କ ନାରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଶିବ ତାଣ୍ଡି ଓରଫ ବାବୁଲାଲ ତାଣ୍ଡି ସେ ଛତିଶଗଡ ଭିଲାଇ ସହର ଏକ ବଡ ଅନୁଷ୍ଠାନ ରେ ରୋଷେଇଆ ଭାବେ କାମ କରୁଥିଲେ ସେଠାରେ ଯେହେତୁ ସେ ରୋଷେଇଆ ଥିଲେ ଅନ୍ୟ କର୍ମଚାରୀ ମାନେ ତାଙ୍କ ହାତ ରନ୍ଧା ଖାଦ୍ୟ ଖାଇବେ ନାହିଁ ସେ ବାବୁଲାଲ ଯାଦବ ଲେଖୁଥିଲେ। ଏବଂ ତାଙ୍କ ନା ଶିବ ଥିଲା ତାଙ୍କ କାକା ଘର ତାଙ୍କୁ ପୋଷପୁତ୍ର ଭାବେ ଗ୍ରହଣ କରିଥିଲେ ସେଥି ପାଇଁ ଶିବ ରୁ ବାବୁଲାଲ ନାମ ଦେଇଥିଲେ। ଏବଂ ମୋ ଅଜା ମାଚନ୍ଦ ତାଣ୍ଡି ଜମି ଧାମନଡ଼ଙ୍ଗା ରେ ରହିଛି ମୌଖିକ ଭାବେ ଭାଗ ବଣ୍ଟା ହୋଇଥିବା ମୋ ବାପା ଙ୍କ ଜମି କୁ ପାର୍ବତୀ ତାଣ୍ଡି ଓ ଆଉଁ କିଛି ଜଣ ଲୋକ ମିଥ୍ୟା କାଗଜପତ୍ର ଦାଖଲ କରି ବିକ୍ରି କରି ଦେଇଛନ୍ତି। ମୋତେ ଆଉଁ ମୋ ମାଁ ସଙ୍ଗୀତା ତାଣ୍ଡି କୁ ଉତ୍ତରାଧିକାରୀ ରୁ ବାହାର କରି ଦେଇଛନ୍ତି। ସେଥି ପାଇଁ ଆମେ କଣ୍ଟାବାଞ୍ଜି ତହସିଲ ର ଦ୍ୱାରସ୍ଥ ବାରମ୍ବାର ହେଉଛୁ କିନ୍ତୁ ଏତେ ଦିନ ଆସିଲା ସ୍ୱତେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ଅଛୁ ସେଥି ପାଇଁ ଆମେ ଗଣମାଧ୍ୟମ ର ସହଯୋଗ ଲଡୁଛୁ ସେ ଆମ ଅସୁବିଧା କୁ ରାଜ୍ୟ ସରକାର ଓ ପ୍ରଶାସନ ପାଖରେ ଉପସ୍ଥାପନା କରନ୍ତୁ ଏବଂ ଆମ କୁ ନ୍ୟାୟ ଦିଅନ୍ତୁ ବୋଲି ସେ କହିଛନ୍ତି। ଏହା ପରେ ଆମେ କଣ୍ଟାବାଞ୍ଜି ତହସିଲଦାର ଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲୁ ହେଲେ ତାଙ୍କ ପ୍ରତିକିୟା ମିଳି ପାରିନାହିଁ।

# କର୍ମଚାରୀ ଅଭାବରୁ ଲୋକେ ହିନସ୍ତା



**ହାଟଡିହି,(ମହାଭାରତ) :** ଏବେ ଲୋକ ମାନଙ୍କ ର ଛୋଟ ଛୋଟ କାମରେ ବ୍ୟାଙ୍କ୍ ଯିବା ଅଭ୍ୟାସରେ ପରିଣତ ହୋଇଗଲାଣି। ଯାହାକି ଚାଷୀ ମାନଙ୍କ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ପିଲା ମାନଙ୍କର ବିଦ୍ୟାଳୟ ସାମଗ୍ରୀ ଓ ସରକାରୀ ବାବୁ ଙ୍କ ଦରମା ସବୁ କଥା ରେ ବ୍ୟାଙ୍କ୍ ର ଗୁରୁତ୍ୱ କୁ ନେଇ ଗ୍ରାମାଞ୍ଚଳ ବ୍ୟାଙ୍କ୍ ଗୁଡ଼ିକ ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଗ୍ରାହକ ମାନଙ୍କୁ। ଅଳ୍ପ କର୍ମଚାରୀ ସାଙ୍ଗକୁ ଲୋକଙ୍କ ପ୍ରଶ୍ନ ବାଣରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କର୍ମଚାରୀ ମାନେ ବିରକ୍ତ ହୋଇ ଲୋକଙ୍କୁ ବୁଝାଇବା ପରିବର୍ତ୍ତେ ରାଗୁ ଥିବା ହାଟଡିହି ବ୍ଲକ ବଉଳା ବ୍ୟାଙ୍କ୍ ରେ ଦେଖିବାକୁ ମିଳିଛି। ଘଟଣା ଥିଲା ଗୁରୁବାର ବ୍ୟାଙ୍କ୍ ରେ କିଛି ଆଦିବାସୀ ଅଧୁଷିତ ଅଞ୍ଚଳ ର ଲୋକ ଗ୍ରୁପ ମାଧ୍ୟମ ରେ ଲୋନ କରିବାକୁ ଆସିଥିଲେ ବ୍ୟାଙ୍କ୍ ରେ ଗହଳି ଲାଗି ରହିଥିଲା ଯାହାକୁ ନେଇ ଲୋକଙ୍କୁ କର୍ମଚାରୀ ମାନେ ଠିକ୍ ଭାବରେ ସେବା ପ୍ରଦାନ ନକରି ରାଗି ଯାଇ ଥିଲେ ଏବଂ ଗାଳି କରିଥିଲେ ଯାହାକୁ ନେଇ ଗ୍ରାହକ ମାନଙ୍କ ମଧ୍ୟରେ ଅସୋନ୍ତୋଷ ଦେଖା ଯାଉଛି। ଉକ୍ତ ବ୍ୟାଙ୍କ ଉପରେ ଭରଷା କରି ଆଦିବାସୀ ଲୋକ ମାନେ କାରବାର କରୁଥିବାରୁ ଏପରି ବ୍ୟବହାର ତାଙ୍କୁ ଠିକ ଲାଗି ନଥିବା କହିଛନ୍ତି। ତେଣୁ ଉକ୍ତ ବ୍ୟାଙ୍କ ରେ କର୍ମଚାରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ସହ କର୍ମଚାରୀ କିପରି ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦାନ କରିବେ ସେ ଦିଗରେ ବ୍ୟାଙ୍କ୍ ର ଉପରିସ୍ଥ ଅଧିକାରୀ ପରାମର୍ଶ ଦେବା ଆବଶ୍ୟକ।

# ଆଇଓସିଏଲ ପାରାଦୀପ ତୈଳ ବଶୋଧନାଗାର ପରିଦର୍ଶନ

**ପାରାଦୀପ,(ମହାଭାରତ) :** ରାଜ୍ୟ ସରକାର ଙ୍କ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସାଂସଦ ଡା.ବିଭୁ ପ୍ରସାଦ ତରାଇ ବୁଧବାର ଦିନ ଆଇଓସିଏଲ ପାରାଦୀପ ତୈଳ ବଶୋଧନାଗାର ପରିଦର୍ଶନ କରିଥିଲେ । ପାରାଦୀପ ତୈଳ ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଶୋଧନାଗାର ମୁଖ୍ୟ କୌଶିକ ବସୁ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ପାରମ୍ପାରିକ ଉତ୍ତରୀୟ ପ୍ରଦାନ ସହିତ ସ୍ୱାଗତ କରିଥିଲେ । ଏହି ଅବସରରେ ମାନ୍ୟବର ଶିଳ୍ପ ମନ୍ତ୍ରୀ ଏବଂ ସାଂସଦ 'ମା ପାଇଁ ଗଛଟିଏ' ଉଦ୍ଦେଶ୍ୟରେ ଚାରା ରୋପଣ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପାରାଦୀପର ଶିଳ୍ପ କ୍ଷେତ୍ରର ବିକାଶ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ପାରାଦୀପ ବାସୀମାନେ ଏହାଦ୍ୱାରା ଉପକୃତ ହେବେ । ଏହି ଅବସରରେ ଉଦବୋଧନ ଦେଇ ସାଂସଦ ଶ୍ରୀ ତରାଇ କହିଥିଲେ ଯେ ସେ ପାରାଦୀପ ଏବଂ ଏହି ଅଞ୍ଚଳର ଜନସାଧାରଣଙ୍କ ପ୍ରଗତି ପାଇଁ ସଂକଳ୍ପବଦ୍ଧ ଅଟନ୍ତି । ପାରାଦୀପ ତୈଳ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀ କୌଶିକ ବସୁ କହିଥିଲେ ଯେ, ପାରାଦୀପ ରିଫାଇନରୀ ହେଉଛି ଭାରତର ପୂର୍ବ ଉପକୂଳର ସର୍ବବୃହତ ରିଫାଇନରୀ ଏବଂ ଏହା ଓଡିଶା ସରକାରଙ୍କ ସହଯୋଗରେ ଅଗ୍ରଗତି କରିବ । ଏହି ଗସ୍ତ ସମୟରେ ରାଜ୍ୟ ମନ୍ତ୍ରୀ ଏବଂ ସାଂସଦ, ପାରାଦୀପ ତୈଳ ବିଶୋଧନାଗାର ପରିଚାଳନାର ସମୀକ୍ଷା କରିଥିଲେ। ମାନ୍ୟଗଣ୍ୟ ଅତିଥିମାନଙ୍କୁ ରିଫାଇନରୀର ପରିଚାଳନା, ସୁରକ୍ଷା ପଦକ୍ଷେପ, ବର୍ତ୍ତମାନ ଏବଂ ଭବିଷ୍ୟତ ପ୍ରକଳ୍ପ ବିଷୟରେ ଅବଗତ କରାଯାଇଥିଲା। ରାଜ୍ୟ ମନ୍ତ୍ରୀ ଏବଂ ସାଂସଦଙ୍କ ପରିଦର୍ଶନ,ବିଶୋଧନାଗାର ଏବଂ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦୃଢ଼ କରିଥିଲା ଓ ରାଜ୍ୟମନ୍ତ୍ରୀ ଏବଂ ସାଂସଦ ଏହି ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ବିଶୋଧନାଗାର ର ଭୂମିକାକୁ ପ୍ରଶଂସା କରିଥିବା ନେଇ ପାରାଦୀପ ତୈଳ ବିଶୋଧନାଗାର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ସୂଚନା ମିଳିଛି ।



# ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ଶୋକସଭା



**ଉଦଳା,(ମହାଭାରତ) :** ଉଦଳା ର ସାମ୍ବାଦିକ ଯାଦବ ଘୋଷଙ୍କର ଅକାଳ ବିୟୋଗ ହୋଇଛି। ଯାହାକୁ ନେଇ ଏକ ଶୋକାକୁଳ ପରିବେଶରେ ଆଜି ଉଦଳାର ସାମ୍ବାଦିକଙ୍କ ଦ୍ୱାରା ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ଶୋକ ସଭାରେ କାର୍ଯ୍ୟରତ ସାମ୍ବାଦିକମାନେ ଯୋଗ ଦେଇଥିଲେ। ପ୍ରଥମେ ସମସ୍ତେ ଦିବ୍ୟଙ୍ଗତ ସାମ୍ବାଦିକ ଯାଦବ ଘୋଷଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସମେତ ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ବାରିକ,ସନ୍ତୋଷ ଶତପଥୀ, ଶଶିକାନ୍ତ ମିଶ୍ର, ସନ୍ତୋଷ ବାଛିନି, ମାନସ ପାଣି, ସାଲାଇ ମାରାଣ୍ଡି, କୃଷ୍ଣ ଚୈତନ୍ୟ ସଦୁଆଳ,ଦିଲ୍ଲୀପ କଳିଆ, ସର୍ବେଶ୍ୱର ମହାପାତ୍ର, ଦୀପକ ପାଣିଗ୍ରାହୀ, ଦୀପକ ମିଶ୍ର, ଅତନୁ ତ୍ରିପାଠୀ, ଅଭିଜିତ ବେହେରା, ଯଶୋବନ୍ତ ପରିଡା ଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ରହିଥିଲେ।

# ଶ୍ରମିକସଂଘ ତରଫରୁ ଲପଙ୍ଗା ମାଲଗୋଦାମର ଉଦ୍‌ଘାଟନ

**ସମ୍ବଲପୁର,(ମହାଭାରତ) :** ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଲପଙ୍ଗା ରେଲୱେ ଷ୍ଟେସନ ନିକଟରେ ଆଜି ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକସଂଘ ତରଫରୁ ଲପଙ୍ଗା ମାଲଗୋଦାମ ର ଉଦ୍ଘାଟନ ଏବଂ ସ୍ଥାନାନ୍ତର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ,ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକସଂଘ ର ରାଷ୍ଟ୍ରୀୟ ପ୍ରଭାରୀ ଶ୍ରୀ ମୋନରଞ୍ଜନ ପାଣ୍ଡ୍ୱନ ଯୋଗ ଦେଇଥିବା ବେଳେ,ସମ୍ମାନିୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ର ସମ୍ବଲପୁର ଜିଲ୍ଲା ଉପସଭାପତି ଶ୍ରୀ ସୁଧୀର ଗୁପ୍ତା ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଶ୍ରୀ ଅଂଶୁମାନ ବାନାର୍ଜୀ(ଦକ୍ଷିଣ ପୂର୍ବ ଓ ପୂର୍ବ ତଟ ରେଲୱେ ଇଂଚାର୍ଜ),ଶ୍ରୀ କିଶୋର କୁମାର ସାହୁ(ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ମହା ସଂଘ, ଲପଙ୍ଗା ର ସଭାପତି),ଶ୍ରୀ ଚିତ୍ତରଞ୍ଜନ ପାତ୍ର(ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ମହା ସଂଘ, ଲପଙ୍ଗା ର ସଚିବ),ଶ୍ରୀ ଅଫଦୁଲ ଆଫ୍ରିମ(ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକସଂଘ ,ଓଡ଼ିଶା ପ୍ରଭାରୀ) ପ୍ରଭୁତି ମଞ୍ଚାସିନ ଥିଲେ। ଲପଙ୍ଗା ମାଲଗୋଦାମ ରୁ ଆରମ୍ଭ ହୋଇ ଥିବା ଏହି ସ୍ଥାନାନ୍ତର ପ୍ରକ୍ରିୟା ଆଗକୁ ଓଡ଼ିଶା ର ୩୭ ରୁ ୪୦ ଟି ସ୍ଥାନରେ ମଧ ହେବ ବୋଲି,ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ , ଏହାସହିତ ଏଥିରେ ଆଖପାଖର ଅନେକ କର୍ମଚାରୀ ( ୨୪ ଘ ୭) ନିଯୁକ୍ତି ପାଇବେ ଓ ରୋଜଗାର କ୍ଷମ ହୋଇପାରିବେ ବୋଲି ଶ୍ରୀଯୁକ୍ତ ପାଣ୍ଡ୍ୱନ କହିଥିଲେ। କରୋନା ମହାମାରୀ ସମୟରେ ଏହି ଶ୍ରମିକ ସଂଘ ର ଭୂମିକା କେତେ ଗରୁତ୍ୱପୂର୍ଣ୍ଣ ଥିଲା ସେବିଷୟରେ ଶ୍ରୀ ବାନାର୍ଜୀ ଆଲୋଚନା କରିଥିଲେ।ଏହି ସଂଘ ର ରାଉରକେଲା ପ୍ରଭାରୀ ଆନ୍ନା ମାରାଣ୍ଡି ଜଣେ ମହିଳା ହୋଇ ସଂଘ ପାଇଁ ଲଢ଼ି ଓ ସଂଘର୍ଷ କରି ଆଜି କିପରି ଜଣେ ସଫଳ ମହିଳା ର ପରିଚୟ ପାଇଛନ୍ତି ତାହା ମଧ ଲୋକଙ୍କୁ ପ୍ରଭାବିତ କରିଥିଲା। ଶ୍ରୀ ଫିରୋଜ କୁମାର ବାଦୀ ମଞ୍ଚ ପରିଚାଳନା କରିଥିବା ବେଳେ ପରିଶେଷରେ ଶ୍ରୀ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟୟ ପରିଚାଳନାରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ

**ଗଜପତି,(ମହାଭାରତ) :** ବିକଶିତ ଭାରତ ଅବସରରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପକଣ୍ଠ ରାଜ ସିତାପୁର ସ୍ଥିତ ସେଞ୍ଚୁରିଅନ ୟୁନଭରସିଟି'ର ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ୟୁନଭରସିଟି'ର ନିଉ ଅଡିଟରିଅମ ହଲ ଠାରେ ଆଜି ଭାରତ ସରକାରଙ୍କ ଇସ୍ରୋ: ସହାୟତାରେ ସେଣ୍ଟର ଫର୍ ଡାଟା ସାଇନ୍ସ ଏଣ୍ଡ ମେସିନ ଲାର୍ଣ୍ଣୀଙ୍ଗ ସହଯୋଗିତାରେ "ବିପର୍ଯ୍ୟୟ ପରିଚାଳନା ବେଳେ ଆଧୁନିକ ଯାନ୍ତ୍ରିକ ଓ ଜ୍ଞାନ କୌଶଳ ପ୍ରୟୋଗ କରି ଧନ ଜୀବନ ସୁରକ୍ଷା ସହ କ୍ଷତି'କୁ କିଭଳି ହ୍ରାସ କରା ଯାଇପାରିବ , ସେ ଉପରେ ଏକ ସଚେତନତା କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି.ସଚେତନତା କର୍ମଶାଳା କାର୍ଯ୍ୟକ୍ରମରେ ୟୁନଭରସିଟିର ରେଜିଷ୍ଟ୍ରାର ପ୍ରଫେସର ଡ଼ଃ ଅନିତା ପାତ୍ର ଅଧକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାନ ତଥା ସାଇବର ଡିଜାଷ୍ଟର ରିସ୍କ୍ ମ୍ୟାନେଜମେଣ୍ଟ ଡିଭିଜନର ମୁଖ୍ୟ ପ୍ରଫେସର ଡ଼ଃ ସୂର୍ଯ୍ୟ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେଞ୍ଚୁରିଆନ ୟୁନଭରସିଟି ପକ୍ଷରୁ ଏଭଳି ଉଦ୍ୟମ ଭିତ୍ତିକ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରି ବିପର୍ଯ୍ୟୟ ପରିଚାଳନା ବେଳେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକରୁ ଅଧିକ ଧନ ଜୀବନ କିଭଳି ସୁରକ୍ଷିତ ହେବା ସହ କ୍ଷତି ହ୍ରାସ ହୋଇପାରିବ ସେ ସବୁର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରାଇଥିଲେ । ଏଥିସହ ଏହି କର୍ମଶାଳାରେ ଯେଉଁ ବିଭିନ୍ନ ଅନୁଭବି ବକ୍ତାମାନେ ଆସି ସେମାନଙ୍କ ଅନୁଭୂତି ଓ ଅନୁଭବ ସମ୍ପର୍କରେ ଉପାଦେୟ ଶିକ୍ଷଣୀୟ ତଥ୍ୟ ଓ ସୂଚନା ମାନ ଦେବେ, ସେ ସବୁ ପ୍ରତି ଅବଗତ ଓ ସଚେତନ ହୋଇ ଆବଶ୍ୟକ ସମୟରେ ତାକୁ ଉପଯୋଗ କରିବାକୁ ହେବା ସହ ବିପର୍ଯ୍ୟୟ ସମୟରେ ଧନ ଜୀବନର ସୁରକ୍ଷା କରିବା କ୍ଷତିକୁ ହ୍ରାସ କରିବା ଦିଗରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ.କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ପରିବେଶ ଓ ଜଳବାୟୁ କେନ୍ଦ୍ରର ନିର୍ଦ୍ଦେଶକ ତଥା ଭାରତୀୟ ପାଣିପାଗ ବିଭାଗ ପୂର୍ବତନ ନିର୍ଦ୍ଦେଶକ ତଥା ଶିକ୍ଷା ଓ ଅନୁସନ୍ଧାନ ନିର୍ଦ୍ଦେଶକ ଡ଼ଃ ଶରତ ଚନ୍ଦ୍ର ସାହୁ ଯୋଗଦେଇ ସେଞ୍ଚୁରିଅନ ୟୁନଭରସିଟି ପକ୍ଷରୁ ଏହି ଯେଉଁ ବିପର୍ଯ୍ୟୟ ପରିଚାଳନା ଉପରେ କର୍ମଶାଳା କାର୍ଯ୍ୟକ୍ରମ ରଖାଯାଇଛି , ତାହା ବର୍ତ୍ତମାନର ସମୟ ଉପଯୋଗି କାର୍ଯ୍ୟକ୍ରମ ବୋଲି କହି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ ଫଳରେ ଏହା ପାଣିପାଗ ପାଇଁ ଏକ ବିପତ୍ତି । ବର୍ଷା ନ ହେଲେ ନାହିଁ, ଯଦି ହେଉଛି , ତା ହେଲେ ନିୟମିତ ଭାବେ ଲଗାତାର ବର୍ଷା ହୋଇ ତାହା ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି । ଏଭଳି ଯେଉଁ ତତକ୍ଷଣାତ୍ ପରିସ୍ଥିତି ଆସୁଛି, ସେତେବେଳେ ତାର ତୀବ୍ରତା ଶକ୍ତି ଅଧିକ ରହୁଛି , ଫଳରେ ଅଧିକ ଧନ ଜୀବନ ଓ ଭିତ୍ତିଭୂମି ସବୁ ହାନୀ ହେବାର ସମ୍ଭାବନା ରହୁଛି । ସେଥିପାଇଁ ଆମକୁ ଏଥିପ୍ରତି ସଚେତନ ହୋଇ ଆଗୁଆ ପ୍ରସ୍ତୁତ ଓ ସତର୍କ ରହି କେଉଁ ବିପତ୍ତି ଆସିଲେ କଣ କରିବାକୁ ହେବ , ବନ୍ୟା , ବାତ୍ୟା , ଝଡାତୋଫାନ ଆସିଲେ ଆମେ କିଭଳି ସତର୍କ ହୋଇ ନିଜ ଧନ ଜୀବନ ସୁରକ୍ଷିତ ରଖିବା ସହ କେଉଁ ଅତ୍ୟାବଶ୍ୟକ ଜିନିଷ ଓ କାଗଜପତ୍ର ସୁରକ୍ଷିତ ରଖିବା ପାଇଁ କିଭଳି ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରିବା , ସେ ଦିଗରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲୋଜି-ଡିନ ତଥା କର୍ମଶାଳା କାର୍ଯ୍ୟକ୍ରମର ସଂଯୋଜକ ଡ଼ଃ ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ସିଭିଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ଡ଼ଃ ରାଜୀବ କୁମାର ମାଝୀ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରା ଯାଇଥିଲା ଏବଂ କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା କର୍ମଶାଳା ବୁକଲେଟ ଏବଂ ଡିଜାଷ୍ଟର ମ୍ୟାନେଜମେଣ୍ଟ ବୁକ ଉନ୍ମୋଚନ କରା ଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର ବିକ୍ରମ ନାରାୟଣ ଅତିଥି ମାନଙ୍କୁ ମଞ୍ଚ ଉପରକୁ ଆବାହନ ଓ ସ୍ୱାଗତ କରିବା ସହ କର୍ମଶାଳା କାର୍ଯ୍ୟକ୍ରମ'କୁ ସଂଯୋଜନା କରିଥିଲେ ଏବଂ ଶେଷରେ ଉପସ୍ଥିତ ସମସ୍ତଙ୍କୁ କର୍ମଶାଳା କାର୍ଯ୍ୟକ୍ରମର ସହ-ଆବାହକ ଡ଼ଃ ମଦନ ମୋହନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସାମୁହିକ ସଫେଇ ଅଭିଯାନ

**ପାରାଦୀପ,(ମହାଭାରତ) :** ଶ୍ରୀ ମହାପ୍ରଭୁ ଙ୍କ ପବିତ୍ର ବାହୁଡ଼ା ଯାତ୍ରା ଯଥା ରୀତିନୀତି ଓ ଶାନ୍ତି ଶୃଙ୍ଖଳା ସହ ବନ୍ଦର ସହର ରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ତେବେ ମଧୁବନ ସ୍ଥିତ ମାଉସି ମା (ଗୁଣ୍ଡିଚା) ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ ଓ ବଡଦାଣ୍ଡ ରାସ୍ତାରେ ପ୍ରବଳ ଜନସମାଗମ ଏବଂ ଦୋକାନ ବଜାର ଯୋଗୁଁ ସେଠାରେ ବହୁ ମାତ୍ରାରେ ଅଳିଆ ଆବର୍ଜନା, ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ପଡିରହି ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟି କରିଥିଲା । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ପ୍ରତିଷ୍ଠିତ ପରିବେଶ ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ବାହୁଡ଼ା ପରଦିନ ସେଠାରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟ ର ସଦସ୍ୟ ମାନଙ୍କ ସହିତ ସଫେଇ କାର୍ଯ୍ୟ କରିଥିଲେ । ଏଥିରେ ପ୍ରାୟ ପଚାଶ ଅଖା ବ୍ୟାଗରେ ପ୍ଲାଷ୍ଟିକ ସାମଗ୍ରୀ ସମେତ ଅଳିଆ ଆବର୍ଜନା ସଂଗୃହିତ ହୋଇଥିଲା । ସେହିପରି ପରିବେଶ ସନ୍ତୁଳନ ଉଦ୍ଦେଶ୍ୟରେ ଗୁଣ୍ଡିଚା ମନ୍ଦିର ପରିସର ପଡିଆରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଓ ଟ୍ରଷ୍ଟର ସଦସ୍ୟ ମାନେ ବୃକ୍ଷ ରୋପଣ କରିଥିଲେ। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଉପଦେଷ୍ଟା ଶଶାଙ୍କ ଆଚାର୍ଯ୍ୟ, ଆଇନଜୀବୀ ରବୀନ୍ଦ୍ର ଜେନା, ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଅଲେଖ ସ୍ୱାଇଁ, ପ୍ରଭାକର ସାହୁ, ସଞ୍ଜୟ ମିଶ୍ର,ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ମହାପାତ୍ର,ଆଲୋକ ମହାପାତ୍ର, ଦୀପକ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଟ୍ରଷ୍ଟର ସଂଖ୍ୟାଧିକ ସଦସ୍ୟ ଓ କାର୍ଯ୍ୟରତ ସାମ୍ବାଦିକ ମାନେ ଉପସ୍ଥିତ ରହି ଏହି ସ୍ୱଛତା କାର୍ଯ୍ୟକ୍ରମ ରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଯଦିଓ ପୌରପାଳିକା ପକ୍ଷରୁ ନିୟମିତ ଭାବେ ଏହି ଉତ୍ସବ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଜାରି ରହିଥିଲା ତେବେ ଟ୍ରଷ୍ଟ ସଦସ୍ୟଙ୍କ ଏପରି ଦୃଷ୍ଟାନ୍ତ ମୂଳକ ମହତ କାର୍ଯ୍ୟକୁ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଉଚ୍ଚ ପ୍ରଶଂସା କରିଥିଲେ ।



# ନାଲକୋରୁ ହରିଣ ସ୍ଥାନାନ୍ତରଣ ବେଳେ ହରିଣର ମୃତ୍ୟୁ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଆଁରପାଳ ବ୍ଲକ ନାଲକୋ ରୁ ହରିଣ ଗୁଡ଼ିକ ଢେଙ୍କାନାଳ ଡିଭିଜନ, ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କାନ୍ଧରା ସଂରକ୍ଷିତ ଜଙ୍ଗଲ କୁ ସ୍ଥାନାନ୍ତରଣ ହେବାକୁ ସବୁ ପ୍ରକାର ପ୍ରସ୍ତୁତି ସହିତ କିଛି ହରିଣକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଆଉ କିଛି ହରିଣ କୁ ନେବାକୁ ବାକି ରହିଛି । ପର୍ଯ୍ୟାୟ କ୍ରମେ ହରିଣ ଗୁଡ଼ିକ ର ସ୍ଥାନାନ୍ତରିତ ହେଉଥିବା ବେଳେ ଗାଡ଼ି ସାହାଯ୍ୟ ରେ ନେବା ସମୟରେ କିଛି ହରିଣ ଙ୍କ ମୃତ୍ୟୁ ହୋଇଥିବା ବିଶ୍ୱସ୍ଥ ସୂତ୍ର ରୁ ଖବର ମିଳିଛି । ସେହିପରି ନାଲକୋ ସ୍ଥିତ ଡିୟର ପାର୍କ ରେ ମଧ ଖାଇବାକୁ ନ ଦେଇ ଗୋଟିଏ ହରିଣ କୁ ମାରି ଦେଇଛନ୍ତି ନାଲକୋ କତୃପକ୍ଷ। ଏହାକୁ ଲୁଚାଇବାକୁ ସବୁ ପ୍ରକାର ଚେଷ୍ଟା ଚଳାଇଥିଲା ନାଲକୋ , ମୃତ୍ୟୁ ହରିଣ କୁ ଗୋଟିଏ ବସ୍ତା ସାହାଯ୍ୟ ରେ ଘୋଡାଇ ରଖିବା ସହ ଏକ କଣରେ ଫିଙ୍ଗି ଦେଇଥିଲା । ଯାହାକୁ ନେଇ ଏବେ ହରିଣ ମାନଙ୍କ ଭବିଷ୍ୟତ କଣ ହେବ ସେ ନେଇ ଚିନ୍ତାରେ ପଶୁ ପ୍ରେମୀ, ସାଧାରଣତଃ କୌଣସି ଘରେ ଗୋଟିଏ ଶୁଆ ପାଳିଲେ କିମ୍ବା କୁକୁର ପ୍ରତି ଅତ୍ୟାଚାର ହେଲେ ପଶୁ ପ୍ରେମୀ ଠାରୁ ଆରମ୍ଭ କରି ବନ ବିଭାଗ ଲୋକ ଦେଖାଣିଆ ପଦକ୍ଷେପ ଗ୍ରହଣ କରୁଥିବା ବେଳେ କାହା ଠାରୁ ଅନୁମତି ଆଣି ଏତେ ବର୍ଷ ପର୍ଯ୍ୟନ୍ତ ହରିଣ ଗୁଡ଼ିକୁ ରଖିଥିଲା ନାଲକୋ, ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ବନ ବିଭାଗ ସହିତ ମିଶି ହରିଣ କୁ ମାରିବାକୁ ସବୁ ପ୍ରକାର ଚେଷ୍ଟା କରୁନାହିଁ ତ ନାଲକୋ କର୍ତ୍ତୃପକ୍ଷ। ତେବେ ଏ ସବୁ ଘଟଣା କୁ ନେଇ ଆମ ପ୍ରତିନିଧି ନାଲକୋ ର ଉଦ୍ୟାନ ବିଭାଗ ର ଦାୟିତ୍ୱ ରେ ଥିବା ଅଧିକାରୀ ପ୍ରଦୀପ୍ତ କୁମାର ମଲ୍ଲିକ ଙ୍କୁ ପଚାରିଥିଲେ ମଧ ସେ କିଛି ଜାଣି ନାହାନ୍ତି କି ତାଙ୍କ ପାଖରେ ହରିଣ ମୃତ୍ୟୁ ର ଖବର ନ ଥିବା କହୁଥିବା ବେଳେ ସବୁ ଦାୟିତ୍ୱ ଢ଼େଙ୍କାନାଳ ବନ ବିଭାଗ ର ବୋଲି ସଫେଇ ଦେଇଛନ୍ତି ।



# ଶ୍ୱାସନଳୀରେ ମୋଟର ଚଣା ଅଟକି ଶିଶୁ କନ୍ୟାର ମୃତ୍ୟୁ

**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କାରଣ ସାହି ଠାରେ ମୋଟର ଚଣା ଶ୍ୱାସ ନଳୀରେ ଅଟକି ବାରୁ ଦୁଇ ବର୍ଷ ର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମ ର ରାଜେଶ୍ କଣ୍ଟିକାର ଙ୍କ ଦୁଇ ବର୍ଷ ର ଶିଶୁ କନ୍ୟା ଅଞ୍ଜଳି କାଣ୍ଟିକାର । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳ ବାର ସନ୍ଧ୍ୟା ସମୟରେ ଅଞ୍ଜଳି ମୋଟର ଚଣା ଖାଉ ଥିବା ବେଳେ ଶ୍ୱାସ ନଳୀରେ ଅଟକି ଯାଇଥିଲା । ଫଳରେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ସ୍ଥାନୀୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୩୨/୨୦୨୪ ରୁଜୁ କରି ଥିବା ପୋଲିସ ସୂଚନା ଦେଇଛି ।

# ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଓ ଟି-୨୦ ସିରିଜ୍ ପାଇଁ ଦଳ ଘୋଷଣା

## ଦିନିକିଆରେ ରୋହିତ ଅଧିନାୟକ, ଗିଲ ଉପ ଅଧିନାୟକ

ମୁମ୍ବାଇ,୧୮।୭: ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରେ ନଜର ଆସିବେ ଦୁଇ ହେଭିଟେ ରୋହିତ ଶର୍ମା ଓ ବିରାଟ କୋହଲି ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରୁ ଗୌତମ ଗମ୍ଭୀରଙ୍କ କୋଚିଂ କାର୍ଯ୍ୟକାଳ ଆରମ୍ଭ ହେଉଛି।

ପ୍ରଥମ ସିରିଜରେ ଦୁଇ ଷ୍ଟାର ଖେଳାଳି ଖେଳିବେ ରୋହିତ ପୂର୍ବଭଳି ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରେ ଭାରତର କମାଣ ସମ୍ଭାଳିବେ ତାଙ୍କ ଡେପୁଟି ଭାବେ ପୂର୍ବରୁ କେଏଲ ରାହୁଲ ରହିଥିଲେ ହେଲେ ଟି-୨୦ ଭଳି ଭାରତୀୟ ଟିମର ନୂଆ ଉପ ଅଧିନାୟକ ହୋଇଛନ୍ତି ଶୁବମନ ଗିଲ୍ କେଏଲ ରାହୁଲ୍ କେଟ କିପର ଭାବେ ଦଳରେ ସୁଯୋଗ ପାଇଛନ୍ତି।ଟି-୨୦ରୁ ଅବସର ନେଇ ସାରିଥିବା ରୋହିତ ଓ ବିରାଟ ବର୍ତ୍ତମାନ ୟୁକେ ଓ ଆମେରିକାରେ ଛୁଟି କାଟୁଛନ୍ତି। ଉଭୟ ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ବିଶ୍ରାମ ନେବେ ବୋଲି କୁହାଯାଉଥିଲା। କିନ୍ତୁ ବାଂଲାଦେଶ ଓ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ପାଇଁ ଉଭୟଙ୍କୁ ବିସିସିଆଇ ଫିଟ ରଖିବାକୁ ଚାହୁଁଛି। ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଏହି ଟେଷ୍ଟ ସିରିଜ ଖେଳାଯିବ। ତେଣୁ ବିରାଟ ଓ ରୋହିତଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ଖେଳିବାକୁ କୁହାଯାଇଛି। ଦିନିକିଆ ସ୍କ୍ୱାଡରେ ନୂଆ ମୁହଁ ଭାବେ କୋଲକାତା ନାଇଟ ରାଇଡର୍ସର ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସୁଯୋଗ ମିଳିଛି। ସେହିପରି ଶିବମ ଦୁବେ ସ୍କ୍ୱାଡରେ ରହିଛନ୍ତି। କେଏଲ ରାହୁଲଙ୍କ ଭଳି ଶ୍ରେୟସ ଆୟର ମଧ୍ୟ ଦଳକୁ କମବ୍ୟାକ କରିଛନ୍ତି। ରାହୁଲଙ୍କ ବ୍ୟତୀତ ଦଳରେ ୱିକେଟ କିପର ଭାବେ ଋଷଭ ପନ୍ତଙ୍କୁ ମଧ୍ୟ ନିଆଯାଇଛି। ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସ୍ପିନ ବୋଲର ଭାବେ ରହିଛନ୍ତି। ରାଣାଙ୍କ ବ୍ୟତୀତ ଖଲୀଲ ଅହମଦ, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ଦ୍ରୁତ ବୋଲିଂର କମାଣ ସମ୍ଭାଳିବେ। ଟି-୨୦ ଭଳି ଯଶପ୍ରୀତ ବୁମରାଙ୍କୁ ଦିନିକିଆରେ ମଧ୍ୟ ବିଶ୍ରାମ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ପୂର୍ବରୁ ହିଁ ଦିନିକିଆରେ ଉପଲବ୍ଧ ହେବେ ନାହିଁ ବୋଲି କହି ସାରିଥିଲେ। ପନ୍ତ ପ୍ରଥମଥର ପାଇଁ କାର ଦୁର୍ଘଟଣାକୁ ମୁକୁଳିବା ପରେ ଦିନିକିଆ ସିରିଜକୁ ଫେରିଛନ୍ତି। ରିୟାନ ପରାଗ ଉଭୟ ଟି-୨୦ ଓ ଦିନିକିଆ ସ୍କ୍ୱାଡରେ ରହିଛନ୍ତି।ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ଟିକିଆ ଦିନିକିଆ ଅଗଷ୍ଟ ୨ରୁ ଆରମ୍ଭ ହୋଇ ୭ ତାରିଖ ଯାଏ ଚାଲିବ।



ଦିନିକିଆ ସ୍କ୍ୱାଡ : ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ (ଉପ ଅଧିନାୟକ), ବିରାଟ କୋହଲି, କେଏଲ ରାହୁଲ, ଋଷଭ ପନ୍ତ, ଶ୍ରେୟସ ଆୟର, ଶିବମ ଦୁବେ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଶିଂଟନ ସୁନ୍ଦର, ଅର୍ଶଦୀପ ସିଂହ, ରିୟାନ ପରାଗ, ଅକ୍ଷର ପଟେଲ, ଖଲୀଲ ଅହମଦ ଓ ହର୍ଷିତ ରାଣା।

## ପାଣ୍ଡ୍ୟା ନୁହେଁ, କମାଣ ସମ୍ଭାଳିବେ ସୂର୍ଯ୍ୟ କୁମାର

ମୁମ୍ବାଇ,୧୮।୭: ରୋହିତ ଶର୍ମାଙ୍କ ପରେ ଟି-୨୦ରେ ଭାରତର କମାଣ କିଏ ସମ୍ଭାଳିବେ? ଏହାକୁ ନେଇ ଚାଲିଥିବା ସସପେନ୍ସ ଉପରୁ ପରଦା ହଟିଛି। ଟି-୨୦ରେ ଟିମ ଇଣ୍ଡିଆର ସ୍ଥାୟୀ ଅଧିନାୟକ ହୋଇଛନ୍ତି ସୂର୍ଯ୍ୟ କୁମାର ଯାଦବ।

ପୂର୍ବରୁ ରୋହିତଙ୍କ ସ୍ଥାନ ହାର୍ଦ୍ଦିକ ପାଣ୍ଡ୍ୟା ନେବେ ବୋଲି କୁହାଯାଉଥିଲା। କାରଣ ସେ ରୋହିତଙ୍କ ଡେପୁଟି ଥିଲେ। ହେଲେ ବିସିସିଆଇ ସମସ୍ତଙ୍କୁ ଚକମା ଦେଇ ସୂର୍ଯ୍ୟ କୁମାରଙ୍କୁ କ୍ୟାପ୍ଟେନ କରିଛି।ଶ୍ରୀଲଙ୍କା ବିପକ୍ଷ ସିରିଜରୁ ସୂର୍ଯ୍ୟ କୁମାର ନିଜର ନୂଆ ଦାୟିତ୍ୱ ଆରମ୍ଭ କରିବେ। ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ହୋଇଥିବା ବେଳେ ଶୁବମନ ଗିଲ୍ ଟି-୨୦ରେ ଭାରତର ଉପ ଅଧିନାୟକ ହୋଇଛନ୍ତି ପାଣ୍ଡ୍ୟା ଶ୍ରୀଲଙ୍କା ବିପକ୍ଷ ସିରିଜରେ କେବଳ ଅଲରାଉଣ୍ଡର ଭାବେ ସ୍ଥାନ ପାଇଛନ୍ତି। ଜିମ୍ବାୱେ ବିପକ୍ଷରେ ଶତକୀୟ ଇନିଂସ ଖେଳିଥିବା ଅଭିଷେକ ଶର୍ମାଙ୍କୁ ଶ୍ରୀଲଙ୍କା ବିପକ୍ଷ ସିରିଜରେ ସୁଯୋଗ ମିଳି ନାହିଁ। କିନ୍ତୁ ରିୟାନ ପରାଗ ସ୍କ୍ୱାଡରେ ରହିଛନ୍ତି। ବିଶ୍ୱକପ ବିଜୟୀ ଦଳରେ ଥିବା ଋଷଭ ପନ୍ତ, ଅର୍ଶଦୀପ ସିଂହ, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ ଟି-୨୦କୁ କମବ୍ୟାକ କରିଛନ୍ତି। ଏମାନଙ୍କ ବ୍ୟତୀତ ଯଶସ୍ୱୀ ଜୈସାଲ, ସଞ୍ଜୁ ସାମସନ ଓ ଶିବମ ଦୁବେ ଜିମ୍ବାୱେ ଟୁର ଭଳି ଶ୍ରୀଲଙ୍କା ଗସ୍ତରେ ଯିବେ ରିଙ୍କୁ ସିଂହ, ରବି ବିଷ୍ଣୋଇ, ଖଲୀଲ ଅହମଦ ଓ ୱାଶିଂଟନ ସୁନ୍ଦର ମଧ୍ୟ ସ୍କ୍ୱାଡରେ ଅଛନ୍ତି।





ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଟି-୨୦ ସିରିଜ ଜୁଲାଇ ୨୭ରୁ ଆରମ୍ଭ ହୋଇ ୩୦ ତାରିଖ ଯାଏ ଚାଲିବ ପ୍ରଥମ ମ୍ୟାଚ୍ ୨୭, ଦ୍ୱିତୀୟ ମ୍ୟାଚ୍ ୨୮ ଓ ତୃତୀୟ ଟି-୨୦ ଜୁଲାଇ ୩୦ ତାରିଖରେ ଖେଳାଯିବ।

**ଭାରତୀୟ ଟିମ:** ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ଶୁବମନ ଗିଲ(ଉପ ଅଧିନାୟକ), ଯଶସ୍ୱୀ ଜୈସାଲ, ରିଙ୍କୁ ସିଂହ, ରିୟାନ ପରାଗ, ଋଷଭ ପନ୍ତ (ୱିକେଟ କିପର) ସଞ୍ଜୁ ସାମସନ(ୱିକେଟ କିପର), ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ, ଖଲୀଲ ଅହମଦ ଓ ମହମ୍ମଦ ସିରାଜ।

## ମହିଳା ଏସିଆ କପ୍ : ଆଜି ଭାରତ-ପାକିସ୍ତାନ ମୁହାଁମୁହିଁ

କଲମ୍ବୋ: ପ୍ରଶଂସକମାନେ ଭାରତ ଏବଂ ପାକିସ୍ଥାନ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ସର୍ବଦା ଆଗ୍ରହୀ ଜୁନ୍ ମାସରେ ଖେଳାଯାଇଥିବା ୨୦୨୪ ଟି-୨୦ ବିଶ୍ୱକପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା ହୋଇଥିଲା। ଏବେ ଶୁକ୍ରବାର ଜୁଲାଇ ୧୯ରେ ଶ୍ରୀଲଙ୍କାରେ ଭାରତ ଏବଂ ପାକିସ୍ତାନର କ୍ରିକେଟ୍ ଦଳ ମଧ୍ୟରେ ପୁଣି ଏକ ହାଇଭୋଲଟେଜ୍ ମ୍ୟାଚ୍ ଦେଖିବାକୁ ମିଳିବ। ପ୍ରତ୍ୟେକ ଥର ପରି, ଏଥର ମଧ୍ୟ ଭାରତ ଏବଂ ପାକିସ୍ଥାନ ମଧ୍ୟରେ ଏକ ରୋମାଞ୍ଚକର ପ୍ରତିଯୋଗିତା ଦେଖିବାକୁ ମିଳିବ ବୋଲି ପ୍ରଶଂସକ ଆଶା କରୁଛନ୍ତି।

ମହିଳା ଏସିଆ କପ୍ ୨୦୨୪ ଶୁକ୍ରବାର, ଜୁଲାଇ ୧୯ରୁ ଆରମ୍ଭ ହେବାକୁ ଯାଉଛି ଏହା ଟି-୨୦ ଫର୍ମାଟରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ନେପାଳ ଏବଂ ୟୁଏଇର ମହିଳା ଦଳ ମଧ୍ୟରେ ଖେଳାଯିବ ତେବେ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଭାରତ ଏବଂ ପାକିସ୍ତାନର ମହିଳା ଦଳ ମଧ୍ୟରେ ହେବ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସନ୍ଧ୍ୟା ୭ ଟାରୁ ଆରମ୍ଭ ହେବ ଶ୍ରୀଲଙ୍କା ମହିଳା ଏସିଆ କପ୍ ଆୟୋଜନ କରୁଛି। ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଦାମ୍ବୁଲାର ରଙ୍ଗିରି ଦାମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ ଭାରତ ଏବଂ ପାକିସ୍ତାନର ମହିଳା ଦଳ ପରସ୍ପର ବିପକ୍ଷରେ ଖେଳି ଏସିଆ କପରେ ଅଭିଯାନ ଆରମ୍ଭ କରିବେ।

ଏସିଆ କପରେ ସମୁଦାୟ ଆଠଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯାହାକୁ ୪-୪ ର ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନର ଦଳ ଅଛନ୍ତି ଭାରତ-ପାକିସ୍ଥାନ ବ୍ୟତୀତ ୟୁଏଇ ଏବଂ ନେପାଳର ମହିଳା ଦଳ ମଧ୍ୟ ଗ୍ରୁପ୍ ଏରେ ଅଛନ୍ତି। ସେହିପରି ଗ୍ରୁପ୍ ବିରେ ଶ୍ରୀଲଙ୍କା, ମାଲେସିଆ, ଥାଇଲ୍ୟାଣ୍ଡ ଏବଂ ବାଂଲାଦେଶର ମହିଳା ଦଳ ଅଛନ୍ତି।

ମହିଳା ଏସିଆ କପ୍ ୨୦୨୪ରେ ହରମାନପ୍ରୀତ କୌରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍ ଜୁଲାଇ ୧୯ ଶୁକ୍ରବାର ଦିନ ପାକିସ୍ତାନ ବିପକ୍ଷରେ ଖେଳିବ। ତେବେ ଦଳର ଦ୍ୱିତୀୟ ମ୍ୟାଚ୍ ରବିବାର, ଜୁଲାଇ ୨୧ରେ ୟୁଏଇ ବିପକ୍ଷରେ ହେବ। ଏହା ପରେ ଗ୍ରୁପ୍ ପର୍ଯ୍ୟାୟରେ ଟିମ୍ ଇଣ୍ଡିଆର ଶେଷ ମ୍ୟାଚ୍ ୨୩ ଜୁଲାଇ ମଙ୍ଗଳବାର ଦିନ ନେପାଳ ବିପକ୍ଷରେ ହେବ।

## ଅଲିମ୍ପିକ୍ସ ପାଇଁ ଭାରତୀୟ ଖେଳାଳିଙ୍କୁ କପିଳଙ୍କ ପରାମର୍ଶ

ନୂଆଦିଲ୍ଲୀ: ପ୍ୟାରିସରେ ଜୁଲାଇ ୨୬ ତାରିଖରୁ ଅଲିମ୍ପିକ୍ସ ଖେଳ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ବି ସରି ସାରିଛି। ଦୁନିଆର ବିଭିନ୍ନ ଦେଶର ଖେଳାଳିମାନେ ଏହି କୁମ୍ଭ କ୍ରୀଡାରେ ଅଂଶଗ୍ରହଣ କରିବେ।





ଏହି କ୍ରମରେ କ୍ରିକେଟ ଖେଳର ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବ ଗତବୁଧବାର ଭାରତୀୟ ଖେଳାଳିଙ୍କୁ କିଛି ପରାମର୍ଶ ଦେଇଛନ୍ତି କପିଳ ଦେବ। ପ୍ୟାରିସରେ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଭାରତୀୟ ଖେଳାଳିମାନଙ୍କୁ ନିର୍ଭୟରେ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଭାରତ ପଦକ ତାଲିକାରେ ଦୁଇଅଙ୍କରେ ପହଞ୍ଚିବ ବୋଲି ଆଶା ପ୍ରକଟ କରିଛନ୍ତି।

ଜୁଲାଇ ୨୬ରୁ ଆରମ୍ଭ ହେବ୍‌କୁ ଯାଉଥିବା ଆସନ୍ତା ଟୁର୍ଣ୍ଣାମେଣ୍ଟ ପାଇଁ ଭାରତ ଖେଳାଳିଙ୍କ ୧୧୭ଟି ଦଳ ପଠାଇଛି ଦେଶ ସେମାନଙ୍କଠାରୁ ଭଲ ପ୍ରଦର୍ଶନର ଆଶା ରଖିଛି।

ଟ୍ରିନିଟି ଗଲ୍ଫ ଚାମ୍ପିଅନ୍ସ ଲିଗ୍ (ଟିଜିସିଏଲ)ର ଦ୍ୱିତୀୟ ସଂସ୍କରଣର ଉଦଘାଟନୀ ସମାରୋହରେ କପିଳ ଦେବ କହିଛନ୍ତି, ମୁଁ ପ୍ରକୃତରେ କାହା ପାଇଁ କିଛି କହି ପାରିବି ନାହିଁ, କିନ୍ତୁ ମୁଁ ସେହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ପାରିବି ଏବଂ ଆଶା କରିପାରିବି କି ଆମେ ଚଳିତ ବର୍ଷ ଅଧିକ ପଦକ ଜିତିବୁ ଭାରତୀୟ ଆଥଲେଟ୍ସଙ୍କୁ ମୋର ପରାମର୍ଶ କି ସମସ୍ତ ଖେଳାଳି ଆଗକୁ ଆସି ନିଜକୁ ପ୍ରମାଣ କରନ୍ତୁ।

ଏହି କ୍ରମରେ ପୂର୍ବତନ କ୍ରିକେଟର ଭାରତୀୟ କ୍ରିକେଟ୍ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକଙ୍କ ବିଷୟରେ ମଧ୍ୟ ନିଜର ପ୍ରତିକ୍ରିୟା ଦେଇଛନ୍ତି। କପିଳ କହିଛନ୍ତି, ଯଦି ଗେତମ ଗମ୍ଭୀର ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ସମ୍ଭାଳୁଛନ୍ତି ତେବେ ମୁଁ ତାଙ୍କୁ ଏବଂ ଦଳକୁ ଶୁଭେଚ୍ଛା ଜଣାଉଛି ମୁଁ ଆଶା କରୁଛି ସେମାନେ ପୂର୍ବ ଅପେକ୍ଷା ଭଲ ପ୍ରଦର୍ଶନ କରିବେ ମୁଁ ଭାରତୀୟ ଖେଳାଳିଙ୍କୁ ଶୁଭକାମନା ଜଣାଉଛି।

## ୧୬୭ କୋଟି ହରାଇଲା ଆଇସିସି

ଦୁବାଇ,୧୮।୭: ଆମେରିକାରେ ପ୍ରଥମଥର ଟି-୨୦ ବିଶ୍ୱକପ ଆୟୋଜନ କରି ଆଇସିସି ନୂଆ ଇତିହାସ ସହ ନିଜର ଛାପ ଛାଡ଼ିବାକୁ ଚେଷ୍ଟା କରିଥିଲା। କିନ୍ତୁ ଆମେରିକାରେ ଟି-୨୦ ବିଶ୍ୱକପର ଅଧିକାଂଶ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଆୟୋଜନ କରି ଆଇସିସି ୧୬୭ କୋଟି ବା ୨୦ ମିଲିୟନ ଡଲାରର କ୍ଷତି ସହିଛି। ମ୍ୟାଚ୍‌ରୁ ଆଇସିସି ଯେତିକି ଆଶା କରିଥିଲା, ସେହି ଅନୁସାରେ ଫଳ ପାଇନାହିଁ ଆମେରିକାରେ ମଧ୍ୟ କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବାରେ ଆଇସିସି ସଫଳତା ହାସଲ କରିପାରି ନାହିଁ।




ଶୁକ୍ରବାର ଠାରୁ ୨୨ ତାରିଖ ଯାଏ କଲମ୍ବୋରେ ଆଇସିସିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଏପରି ଆର୍ଥିକ କ୍ଷତିର ରିପୋର୍ଟ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ପ୍ରକାଶ ପାଇଥିବା ରିପୋର୍ଟରେ କୁହାଯାଇଛି ଯେ ଆଇସିସି ଟି-୨୦ ବିଶ୍ୱକପର ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ଆମେରିକାରେ ଆୟୋଜନ କରିଥିଲା। ଏହା ମଧ୍ୟରେ ବହୁପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚ୍ ନ୍ୟୁୟର୍କରେ ଆୟୋଜନ କରାଯାଇଥିଲା। ଏହି ସବୁ ମ୍ୟାଚରୁ ଆଇସିସି ଯେତିକି ଆର୍ଥିକ ଲାଭ ପାଇବ ବୋଲି ଆଶା ରଖିଥିଲା, ସେପରି ହୋଇନାହିଁ ୧୬୭ କୋଟି ଟଙ୍କାର କ୍ଷତି ସହିବା ପରେ ଆଇସିସିର ଯୋଜନା ଓ କାର୍ଯ୍ୟକାରିତାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଆମେରିକାରେ ଆଇସିସିକୁ ଲଜିଷ୍ଟିକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ଆଶା ଠାରୁ କମ ଟିକେଟ ବିକ୍ରି ହୋଇଥିଲା। ଭାରତ-ପାକିସ୍ତାନ ମ୍ୟାଚ୍‌ରେ ମଧ୍ୟ ଆଶା ଅନୁସାରେ ଟିକେଟ ବିକ୍ରି ହୋଇ ନଥିଲା। ଆମେରିକାରେ ଅପରେସନାଲ ଖର୍ଚ୍ଚ ମଧ୍ୟ ଅଧିକ ରହିଥିଲା। ବର୍ଷା ଯୋଗୁ ଅଧିକାଂଶ ମ୍ୟାଚ୍‌କୁ ମଧ୍ୟ ବାତିଲ କରିବାକୁ ପଡ଼ିଥିଲା। ଏକାଧିକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ ହୋଇପାରି ନଥିଲା।

ତେଣୁ ଆଇସିସିକୁ ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିବା ଓ ଖେଳାଳିଙ୍କୁ ଉପଯୁକ୍ତ ସେବା ଦେବାରେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏବେ ୧୬୭ କୋଟି ଟଙ୍କାର କ୍ଷତି ଆଇସିସିର ପୀଡ଼ାକୁ ଆହୁରି ବଢ଼ାଇ ଦେଇଛି। ଏହା ଉପରେ ଆଇସିସିର ବାର୍ଷିକ ସମ୍ମିଳନୀରେ ଆଲୋଚନା ହେବ ଏହାପରେ ଭବିଷ୍ୟତରେ ଆଇସିସି କିପରି କ୍ଷତି ସହିବ ନାହିଁ, ତା ଉପରେ ମାନସମନ୍ଥନ କରିବ ବୋଲି ଜଣାପଡ଼ିଛି।

## ପାକିସ୍ତାନ ହାତରୁ ଚାଲିଯାଇପାରେ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ଦାୟିତ୍ୱ

ନୂଆଦିଲ୍ଲୀ,୧୮।୭: ଆଗାମୀ ୭୨ ଘଣ୍ଟା ପାକିସ୍ତାନ କ୍ରିକେଟ ବୋର୍ଡ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ୨୦୨୫ ଚାମ୍ପିଅନ୍ସ ଟ୍ରଫି ଆୟୋଜନରୁ ପାକିସ୍ତାନ ବଞ୍ଚିତ ହୋଇପାରେ ୧୯ ରୁ ୨୨ ଜୁଲାଇ ମଧ୍ୟରେ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଆଇସିସି ବୈଠକରେ ଏହା ଘୋଷଣା କରାଯାଇପାରେ। ବାସ୍ତବରେ ଭାରତ କୌଣସି ପରିସ୍ଥିତିରେ ପାକିସ୍ତାନ ଯିବାକୁ ପ୍ରସ୍ତୁତ ନୁହେଁ। ଯଦି ଟିମ୍ ଇଣ୍ଡିଆ ଆଇସିସି ଚାମ୍ପିଅନ୍ସ ଟ୍ରଫିରୁ ଓହରିଯାଏ, ତେବେ ସମଗ୍ର ଟୁର୍ନାମେଣ୍ଟ ଅଡୁଆରେ ପଡିପାରେ। ଏଭଳି ପରିସ୍ଥିତିରେ ଆଇସିସି ପାକିସ୍ତାନ ପରିବର୍ତ୍ତେ ଅନ୍ୟ କୌଣସି ଦେଶରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିପାରେ। ସୂତ୍ର ଅନୁଯାୟୀ ୨୦୨୫ ଚାମ୍ପିଅନ୍ସ ଟ୍ରଫି ବର୍ତ୍ତମାନ ଶ୍ରୀଲଙ୍କା କିମ୍ବା ଦୁବାଇରେ ଖେଳାଯାଇପାରିବ। ତେବେ, ପୂର୍ବରୁ ଖବର ଆସିଥିଲା ଯେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମଡେଲରେ ଖେଳାଯିବ।



ହାଇବ୍ରିଡ୍ ମଡେଲ୍ ଅଧୀନରେ ଟିମ୍ ଇଣ୍ଡିଆ। ପାକିସ୍ତାନ ପରିବର୍ତ୍ତେ ଅନ୍ୟ କିଛି ଦେଶରେ ଏହାର ମ୍ୟାଚ୍ ଖେଳିଥାନ୍ତା। ଏହା ମଧ୍ୟ କୁହାଯାଉଥିଲା ଯେ ଶ୍ରୀଲଙ୍କା କିମ୍ବା ଦୁବାଇରେ ଚାମ୍ପିଅନ୍ସ ଟ୍ରଫିରେ ଟିମ୍ ଇଣ୍ଡିଆ ଏହାର ମ୍ୟାଚ୍ ଖେଳିପାରେ ତେବେ ବର୍ତ୍ତମାନ ହାଇବ୍ରିଡ଼ ନୁହେଁ ବରଂ ଟୁର୍ନାମେଣ୍ଟ ଦୁବାଇ କିମ୍ବା ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇପାରେ। ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆ ପାକିସ୍ତାନ ଯିବ ନାହିଁ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ବଡ ଦେଶ ମଧ୍ୟ ଭାରତର ଏହି ନିଷ୍ପତ୍ତିକୁ ସମର୍ଥନ କରୁଛନ୍ତି। ଏଭଳି ପରିସ୍ଥିତିରେ ଆଇସିସି ବୈଠକରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ସ୍ଥାନ ପରିବର୍ତ୍ତନ କରିବାକୁ ଭାରତର ଦାବିକୁ ମଧ୍ୟ ଅନେକ ଦେଶ ସମର୍ଥନ କରିପାରନ୍ତି। ଏହାପୂର୍ବରୁ ୨୦୨୩ ଏସିଆ କପ୍ ଆୟୋଜନ ମଧ୍ୟ ପାକିସ୍ତାନ ହାତରେ ଥିଲା ତେବେ ଏସିଆ କପ୍ ପାଇଁ ପାକିସ୍ତାନ ଯିବାକୁ ସ୍ପଷ୍ଟ ଭାବେ ମନା କରିଦେଇଥିଲା। ଟିମ୍ ଇଣ୍ଡିଆ ତାପରେ ଏହି ଟୁର୍ନାମେଣ୍ଟ ହାଇବ୍ରିଡ ମଡେଲରେ ଖେଳାଯାଇଥିଲା। ୨୦୨୩ ଏସିଆ କପରେ ଭାରତ ଶ୍ରୀଲଙ୍କାରେ ମ୍ୟାଚ୍ ଖେଳିଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ମଧ୍ୟ ଶ୍ରୀଲଙ୍କାରେ ଖେଳାଯାଇଥିଲା।

## ଏଏଫସି ମହିଳା ଚାମ୍ପିଆନ୍ସ ଲିଗ୍

ନୂଆଦିଲ୍ଲୀ,୧୮।୭: ଏଏଫସି ମହିଳା ଚାମ୍ପିଆନ୍ସ ଲିଗ୍ ୨୦୨୪-୨୫ ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶା ଏଫସି ଇଥିଆଡ କ୍ଲବ୍(ଜୋର୍ଡାନ) ଏବଂ ଲାୟନ ସିଟି ସେଲର୍ସ ଏଫସି (ସିଙ୍ଗାପୁର) ସହିତ ଗ୍ରୁପ-ବି ରେ ସ୍ଥାନ ପାଇଛି ଗୁରୁବାର ମାଲେସିଆର କୁଆଲାଲାମପୁରରେ ଅନୁଷ୍ଠିତ ଡ୍ରରେ ଏହା ଘୋଷଣା କରାଯାଇଛି। ଇଣ୍ଡିଆନ ମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ଏଫସି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଜୋର୍ଡାନ ଗସ୍ତ କରିବ ଯାହା ଅଗଷ୍ଟ ୨୫ରୁ ୩୧ ପର୍ଯ୍ୟନ୍ତ ଖେଳାଯିବ। ଏହି ଲିଗର ପ୍ରାଥମିକ ପର୍ଯ୍ୟାୟରେ ୧୩ ଦଳ ଅଂଶଗ୍ରହଣ କରିବେ ଯାହାଙ୍କୁ ଚାରୋଟି ଗ୍ରୁପରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପରେ ଚାରୋଟି ଟିମ୍ ରହିଥିଲା ବେଳେ ତିନୋଟି ଟିମରେ ତିନି ଲେଖାଏ ଦଳ ରହିବେ। ଏହି ଚାରୋଟି ଗ୍ରୁପ୍ ବିଜୟୀ ଦଳ ଆଗାମୀ ୧୨ ଟିମ୍ ରାଉଣ୍ଡକୁ ଉନ୍ନୀତ ହେବେ, ଯେଉଁଠି ପୂର୍ବରୁ ୮ ଟିମ୍ ସିଧାସଳଖ ଯୋଗ୍ୟତା ପ୍ରାପ୍ତ କରିଛନ୍ତି।

## ଗୁରୁଙ୍କ ଟିମକୁ ଯିବେ ଋଷଭ ପନ୍ତ !


ନୂଆଦିଲ୍ଲୀ,୧୮।୭: ଆଇପିଏଲ ୨୦୨୫ର ମେଗା ନିଲାମ ଆରମ୍ଭ ହେବା ପୂର୍ବରୁ ଏକ ବଡ ଖବର ବାହାରକୁ ଆସୁଛି କୁହାଯାଉଛି ଯେ, ଟିମ୍ ଇଣ୍ଡିଆର ଯୁବ କେଟ୍ କିପର ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଛାଡିପାରନ୍ତି। ଏବେ ପ୍ରଶ୍ନ ଉଠୁଛି ଯଦି ସେ ଦିଲ୍ଲୀ କ୍ୟାପିଟାଲ୍ସ ଛାଡିବେ, ତେବେ ସେ ଆଗାମୀ ସିଜିନରେ କେଉଁ ଦଳ ପାଇଁ ଖେଳିବେ? ଏହା ଉତ୍ତର ବି ସାମ୍ନାକୁ ଆସିସାରିଛି। ସୂଚନା ମିଳିଛି ଯେ, ସେ ଆସନ୍ତା ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସକେ) ପାଇଁ ଖେଳିବେ।

ଚର୍ଚ୍ଚା ହେଉଛି ଯେ ଆଇପିଏଲ ୨୦୨୫ ପରେ ଧୋନି ଆଇପିଏଲରୁ ଅବସର ନେବେ ଏଭଳି ପରିସ୍ଥିତିରେ, ସିଏସକେ ଧୋନିଙ୍କ ପରି ଜଣେ ବିସ୍ଫୋରକ କେଟ୍ କିପର ବ୍ୟାଟ୍ସମ୍ୟାନ୍ ଆବଶ୍ୟକ କରୁଛି ଯିଏ ମ୍ୟାଚର ଗତି ବଦଳାଇ ପାରିବ ତେଣୁ ଦଳ ଋଷଭ ପନ୍ତଙ୍କୁ ସାମିଲ କରିବାକୁ ଚିନ୍ତା କରୁଥିବା ସାମ୍ନାକୁ ଆସିଛି।



ଋଷଭଙ୍କ ଆଇପିଏଲ୍ କ୍ୟାରିୟର ବିଷୟରେ କହିବାକୁ ଗଲେ, ତାଙ୍କର ପ୍ରଦର୍ଶନ ଏପର୍ଯ୍ୟନ୍ତ ଉତ୍କୃଷ୍ଟ ରହିଛି। ଗତ ସିଜିନରେ ବଡ଼ ଦୁର୍ଘଟଣାରୁ ସୁସ୍ଥ ହୋଇ ଫେରିଥିଲେ ବି ସେ ବହୁତ ଭଲ ବ୍ୟାଟିଂ କରିଥିଲେ ସେ ଆଇପିଏଲ୍ ୨୦୨୪ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ମୋଟ ୧୩ଟି ମ୍ୟାଚ୍‌ରେ ଭାଗ ନେଇଥିଲେ ୧୩ଟି ମ୍ୟାଚ୍ ଖେଳି ସେ ୪୪୬ରନ୍ ସ୍କୋର କରିଥିଲେ ଏହା ସହ ତାଙ୍କର ଷ୍ଟ୍ରାଇକ୍ ହାର ୧୫୫.୪୦ ରହିଥିଲା ଋଷଭ ପନ୍ତ ଏପର୍ଯ୍ୟନ୍ତ ଆଇପିଏଲରେ ମୋଟ ୧୧୧ଟି ମ୍ୟାଚ୍ ଖେଳିଛନ୍ତି।

## ଅଲମ୍ପିକ୍ସ : ବିବାଦ ଦେଖା ଦେବାପରେ ସିନ ନଦୀକୁ ଡେଇଁ ଲୋକଙ୍କ ମୁହଁ ଚୁପ କରାଇଦେଇଛନ୍ତି ମେୟର



ନୂଆଦିଲ୍ଲୀ: ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଜୁଲାଇ ୨୬ ତାରିଖରୁ ଅଲମ୍ପିକ୍ସ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଦୁନିଆର ବିଭିନ୍ନ ଦେଶର ଖେଳାଳିମାନେ ଏହି କୁମ୍ଭ କ୍ରୀଡାରେ ଅଂଶଗ୍ରହଣ କରିବା ପାଇଁ ନିଜନିଜ କ୍ଷେତ୍ରରେ ପ୍ରସ୍ତୁତି ଆରମ୍ଭ କରି ସାରିଲେଣି। ଏହି କ୍ରମରେ ପ୍ୟାରିସରେ ଥିବା ସିନ ନଦୀକୁ ନେଇ ବିବାଦ ଦେଖା ଦେଇଛି। ଏହି ନଦୀ ପ୍ରାୟ ୧୦୦ବର୍ଷ ହେବ ଅପରିଷ୍କାର ହୋଇପଡ଼ିଥିବା କୁହାଯାଉଛି।ଏଭଳି ପରିସ୍ଥିତିରେ ସିନ ନଦୀରେ ଅଲିମ୍ପିକ୍ସ ସହିତ ଜଡ଼ିତ ଖେଳ କିଭଳି ଖେଳାଯିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ଅଲିମ୍ପିକ୍ସ ପାଇଁ ସିନ ନଦକୁ ୧୨.୫୪କୋଟି ଟଙ୍କା ଖର୍ଚ୍ଚ କରି ସଫା କରାଯାଇଛି। ଏହା ସତ୍ତ୍ୱେ ବି କିଛିଲୋକ ଏହି ନଦୀକୁ ଅପରିଷ୍କାର କହି ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସିନ ନଦୀ ଅଲିମ୍ପିକ୍ସ ଖେଳ ପାଇଁ ଉପଯୁକ୍ତ ନୁହେଁ।କାରଣ ଏହା ଅପରିଷ୍କାର ରହିଛି।ଏହି ଅପରିଷ୍କାର ନଦୀରେ ଖେଳାଳିମାନେ କିଭଳି ନିଜର ଖେଳ ପ୍ରଦର୍ଶନ କରିପାରିବେ। ଏହି ବିବାଦ ମଧ୍ୟରେ ପ୍ୟାରିସର ମେୟର ସିନ ନଦୀକୁ ଡେଇଁ ଅନେକ ସମୟ ପର୍ଯ୍ୟନ୍ତ ପହଁରିଥିଲେ। ଏଭଳି କାମ କରି ସେ ସମସ୍ତ ସମାଲୋଚକଙ୍କ ମୁହଁ ଚୁପ କରି ଦେଇଛନ୍ତି।

ସିନ ନଦୀକୁ ଡେଇଁ ପଡ଼ିବା ସମୟରେ ପ୍ୟାରିସ ମେୟରଙ୍କ ସାଙ୍ଗରେ ୭ଟି ସୁରକ୍ଷା ଡଙ୍ଗା ମହଜୁଦ ଥିଲା। ଏଥିସହିତ ଆଉ କିଛି ପ୍ରଶିକ୍ଷଣପ୍ରାପ୍ତ ପହଁରାଳି ବି ମେୟରଙ୍କ ସହିତ ସାମିଲ ଥିଲେ ପହଁରିବା ସମୟରେ ଯଦି କିଛି ଅଘଟଣ ଘଟିଥାଆନ୍ତା। ସେମାନେ ମେୟରଙ୍କୁ ନଦୀରୁ ତୁରନ୍ତ ଉଦ୍ଧାର କରିଥାଆନ୍ତେ। କିନ୍ତୁ ସେମିତି କିଛି ଘଟିଲା ନାହିଁ। ମେୟର ଅନେକ ସମୟ ସିନ ନଦୀରେ ପହଁରିବା ପରେ ସୁରକ୍ଷିତ ଭାବେ ବାହାରକୁ ଆସିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**